

ରାଗ, ଦ୍ୱେଷ, ଈର୍ଷା, ମନ ଭିତରେ ଥିଲେ
ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**ଜେନାପୁର,୧୮।୧୨(ଡି.ଏନ୍.ଏ):** ଜେନାପୁର ପୋଲିସ ବୁଧବାର ଜଣେ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୦ ଲିଟର ମଦ ଜବତ କରିଥିବା ଜଣାପଡ଼ିଛି। ଗିରଫ ଜଣକ ହେଲେ ମାଳହାଟ ଗ୍ରାମର ଅନନ୍ତ ମଲିକ (୫୬)। ଅନନ୍ତ ନିଜ ଘରେ ଚୋରା ଦେଶୀ ମଦ ବିକ୍ରି କରୁଥିବାନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଗିରଫ ଅନନ୍ତଙ୍କ ବିରୋଧରେ ଏକ ମାମଲା(ନ.୨୯୨/୨୦୧୯) ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଧର୍ମଶାଳା,୧୮।୧୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ହାଇସ୍କୁଲ ଓ ଉ.ପ୍ରା ସ୍କୁଲର ମିଳିତ ଆନୁକୂଲ୍ୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାକୁ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରମାକାନ୍ତ ସେଠୀ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ବୀରବର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁମାରୀ ସରପଞ୍ଚ ନଟବର ସାହୁ ଯୋଗଦେଇ ଖେଳର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ପ୍ରେସ୍ କ୍ଲବର ସଭାପତି ଇନ୍ଦ୍ରମଣି ନାୟକ ଯୋଗଦେଇ ଶିକ୍ଷା ଓ ଖେଳ ଉଭୟ ପରିପୂରକ। ଧର୍ମଶାଳା ଅଞ୍ଚଳର କ୍ରୀଡାବିତ ଧାବିକା ଦୂତୀ ଚାନ୍ଦ,ସରସ୍ୱତୀ ଚାନ୍ଦ,ଧାବକ ସେକ ଫାରୁକ ଅଲ୍ଲୀ, ବ୍ୟାଡ ମିଟନରେ ଯୋନେଶ ଜେନା ଓ କବାଡିରେ ରଶ୍ମୀତା ସାହୁଙ୍କ ପାଇଁ ଆଜି ଏମାଟି ଗର୍ବ ଅନୁଭବ କରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରେସକ୍ଲବ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ,ସମ୍ପବ ସମ୍ପାଦକ ଅଖିଳ ସ୍ୱାଇଁ ଓ ୱାର୍ଡ ସଭ୍ୟା ପୁଷ୍ପଲତା ବାରିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଫୁଲଭଳି ହୋଇ ଅନ୍ୟକୁ ମହକ ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଆସନ୍ତା ୨୦ ତାରିଖରେ ଏହି କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ପ୍ରଧାନ ଶିକ୍ଷକ ବେହେରା ସୂଚନା ଦେଇଛନ୍ତି।

### ବରୀ ପଞ୍ଚାୟତ ସମିତି ଅଫିସରେ କର୍ମଚାରୀ ଅଭାବ

**ବରୀ,୧୮।୧୨(ସ୍ୱ.ପ୍ର):** ବରୀ ପଞ୍ଚାୟତ ସମିତି କାର୍ଯ୍ୟାଳରେ କର୍ମଚାରୀ ଅଭାବ ଯୋଗୁ ସରକାରୀ କାମରେ ବାଧା ସୃଷ୍ଟି ହେଉଛି। ଏନେଇ ବିଡିଓ ଶୁଭଶ୍ରୀ ତ୍ରିପାଠୀ ବୁଧବାର ଜିଲା ପ୍ରଶାସନକୁ ଅବଗତ କରାଇଥିବା ଜଣାପଡିଛି। ଜଣାଯାଇଛି ଯେ, ହିସାବ ନୀରିକ୍ଷକ ଅଧିକାରୀ, ଜିପିଇଓ, ଏଇଇ ପଦବୀ ଖାଲି ପଡିଥିବାବେଳେ ୨୯ ପଞ୍ଚାୟତ ପାଇଁ ଆବଶ୍ୟକ ତୁଳନାରେ କନିଷ୍ଠ ଯନ୍ତ୍ରୀ ନାହାନ୍ତି। ସେହିପରି ଗ୍ରାମରୋଜଗାର ସେବକ ଆବଶ୍ୟକ ତୁଳନାରେ ନାହାନ୍ତି। ଏପିଓ ପଦବୀ ଖାଲି ପଡିଛି; ଯଦ୍ୱାରା ସରକାରୀ କାର୍ଯ୍ୟ ତ୍ୱାରାନ୍ୱିତ ହୋଇପାରୁ ନାହିଁ। ବିଦ୍ୟୁତ, ନେଟ୍ ସମସ୍ୟା ଲାଗି ରହିଥିବାରୁ କର୍ମଚାରୀଙ୍କୁ କାର୍ଯ୍ୟ କରିବାରେ ସମସ୍ୟା ଦେଖାଦେଉଛି। ଏ ନେଇ ତୁରନ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ବିଡିଓ ତ୍ରିପାଠୀ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

## ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ

# ଅଲଟ୍ରାସାଉଣ୍ଡ ଅଛି, କାମରେ ଲାଗୁନି

**ଯାଜପୁର ଅଫିସ,୧୮।୧୨**

ଯାଜପୁର ଜିଲା ସଦର ଡାକ୍ତରଖାନାରେ ବହୁ ଗୁରୁତ୍ୱପୂର୍ଣ୍ଣ ଅଲଟ୍ରାସାଉଣ୍ଡ ମେଶିନ ଲାଗିଛି। ହେଲେ ଏହି ମେଶିନ ପରିଚାଳନା ଦାୟିତ୍ୱରେ ଥିବା କେତେକ ଡାକ୍ତର ଓ ବୈଷୟିକ କର୍ମଚାରୀଙ୍କ ଅବହେଳାରୁ ଏହା ଠିକ୍‌ରେ କାମରେ ଲାଗି ପାରୁନି। ଏପରି କି ରୋଗୀଙ୍କୁ ବାହାରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବାକୁ କିଛି କର୍ମଚାରୀ ପ୍ରବର୍ତ୍ତାଉଛନ୍ତି। ଫଳରେ ରୋଗୀ ବାହାରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ ଜିଲାପାଳ ରଞ୍ଜନ କୁମାର ଦାସ ଖବର ପାଇ ସମ୍ପୃକ୍ତ ଡାକ୍ତର ଓ କର୍ମଚାରୀଙ୍କୁ ତାଗିଦ କରିବା ସହିତ ରୋଗୀସେବାକୁ ଅଧିକ ପ୍ରାଧାନ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଜିଲାପାଳ ଦାସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ଗସ୍ତ କରି ମୋ ସରକାର ଓ ୫-ଟି ମାଧ୍ୟମରେ ଚିକିତ୍ସାଳୟଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି। ଏପରିକି ଦାୟିତ୍ୱରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଦାସ ଚେତାବନୀ ଦେଇଛନ୍ତି। ସେ ବର୍ହି ଓ ଅନ୍ତଃ ବିଭାଗଗୁଡ଼ିକ ପରିଦର୍ଶନ କରିବା ସହ ରୋଗୀମାନଙ୍କ ସହ ଆଲୋଚନା କରି ସମସ୍ୟା ଓ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ରୋଗୀମାନେ ଚିକିତ୍ସା ପାଇଁ ନାମ ପଞ୍ଜିକରଣ ଓ ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ ପଞ୍ଜିକରଣସ୍ଥଳରେ ଲମ୍ବା ଲାଇନ ଦେଖି ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ସିଡିଏମଓ ଏବଂ ହସ୍ପିଟାଲ ମ୍ୟାନେଜରଙ୍କୁ ଡକାଇ ରୋଗୀ ଅପେକ୍ଷା ସ୍ଥଳରେ ଅଧିକ ଚେୟାର ବ୍ୟବସ୍ଥା କରିବା, ଡିସ୍‌ପ୍ଲେ ବୋର୍ଡ ମାଧ୍ୟମରେ କ୍ରମିକ ନମ୍ବର ଅନୁସାରେ ଡାକିବାକୁ ପରାମର୍ଶ ଦେଇଥିଲେ। ଔଷଧ ବିତରଣ କେନ୍ଦ୍ର ନିକଟରେ ସେଡ୍ ତୁରନ୍ତ କରିବା, ଶିଶୁ ଓ ପ୍ରସୂତି ବିଲଡିଂରେ କ୍ୟାବିନ ବ୍ୟବସ୍ଥା କରିବା, ରୋଗୀଙ୍କ ନିକଟରେ ଅଧିକ ଲୋକ ଯେପରି ନ ରୁହନ୍ତି ସେଥିପ୍ରତି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରକ୍ତ, ମଳ, ମୂତ୍ର, ଏକ୍ସ-ରେ, ଅଲଟ୍ରା ସାଉଣ୍ଡ ଇତ୍ୟାଦି ପରୀକ୍ଷା ଚିକିତ୍ସାଳୟରେ କରାଇବାକୁ ସେ ପରାମର୍ଶ ଦେଇଥିଲେ। ବାହାରକୁ ରୋଗୀଙ୍କୁ ପଠାଇ ଅଯଥା ଖର୍ଚ୍ଚାନ୍ତ ନ କରିବାକୁ ସେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ କଡ଼ା ତାଗିଦ କରିଥିଲେ। ଏହି ପରିଦର୍ଶନ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସିଡିଏମଓ ଅରୁଣ କୁମାର ପାତ୍ରଙ୍କ ସମେତ ଅନ୍ୟାନ୍ୟ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ ଓ ଅନ୍ୟମାନେ ଡାକ୍ତରଖାନାର ଚକ୍ଷୁ ବିଭାଗ, ଅନ୍ୟାନ୍ୟ ପାରିପାର୍ଶ୍ୱିକସ୍ଥିତିକୁ ପରଖି ଥିଲେ।



ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ସମୟରେ ଜିଲାପାଳ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

**ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତାଗିଦ କଲେ ଜିଲାପାଳ**

## କାମ ପାଇବାରୁ ବଞ୍ଚିତ ଅର୍ଦ୍ଧାଧିକ ଶ୍ରମିକ

**ଯାଜପୁର ଅଫିସ,୧୮।୧୨**

**ଫେରୋକ୍ରୋମ କାରଖାନା**

ଇଡକଲ ଅଧୀନସ୍ଥ ସ୍ଥାନୀୟ ଫେରୋକ୍ରମ କାରଖାନାରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଏକ ପ୍ରକାର ଅଚଳ ହୋଇପଡ଼ିଛି। କାରଖାନା ଦୀର୍ଘ ୬ମାସ ବନ୍ଦ ପରେ ଗତ ୨ତାରିଖରେ ଉତ୍ପାଦନକ୍ଷମ ହୋଇଥିଲେ ହେଁ ୧୦୫ଜଣ ଯୋଗାଣ ଶ୍ରମିକ ଓ ୨୦୦ ଜଣ ଠିକା ଶ୍ରମିକଙ୍କୁ କାମ ମିଳିନାହିଁ। ଏଠାରେ ଠିକାଦାରଙ୍କ ମନମାନୀ ଯୋଗୁ ଏହି ଶ୍ରମିକ ପରିବାରଙ୍କ ଦାନପାଣି ସଙ୍କଟରେ ରହିଛି। ସୂଚନାଯୋଗ୍ୟ ଯେ, କାରଖାନା ଚାଲିବା ପୂର୍ବରୁ ଆଇଡିସିଙ୍କ ମୁଖ୍ୟ କାର୍ଯ୍ୟାଳୟରେ ନୂଆ ଠିକାଦାର ନିଯୁକ୍ତି କରିବା ପାଇଁ ଟେଣ୍ଡର ଡକା ଯାଇଥିଲା। କିନ୍ତୁ ଟେଣ୍ଡର ସର୍ତ୍ତାବଳୀକୁ ଉଲ୍ଲଂଘନ କରାଯାଇ ଯେଉଁ ବିଭାଗରେ ଯେତେ ସଂଖ୍ୟକ ଅର୍ଦ୍ଧ କୁଶଳୀ ଓ ଅଣ କୁଶଳୀ ଶ୍ରମିକ ନିୟୋଜନ ପାଇଁ ଚୁକ୍ତି ହୋଇଛି ତାକୁ ସମ୍ପୃକ୍ତ ଠିକାଦାର ମାନୁ ନାହାନ୍ତି। ମେକାନିକାଲ ବିଭାଗରେ ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ୫୯ଜଣ ଶ୍ରମିକ ନିୟୋଜନ କରିବାକୁ ସ୍ଥିର ହୋଇଥିଲେ ମଧ୍ୟ ମାତ୍ର ୨୨ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଉତ୍ପାଦନ ବିଭାଗରେ ଯେତିକି ଲୋକ ନିଯୁକ୍ତି ଦେବା କଥା ତାହାର ଅଧା ଶ୍ରମିକଙ୍କୁ ନିଯୁକ୍ତି କରାଯାଇଛି। କିଛି ମୁନାଫାଖୋର ଧଳାହାତୀଙ୍କ ନିର୍ଦ୍ଦେଶରେ ଏ ସବୁ ହେଉଛି ବୋଲି ଭାରତୀୟ ମଜଦୁରର ସଂଘର ସଭାପତି ନିତ୍ୟାନନ୍ଦ ମହାଲିକ ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ ଫେରୋକ୍ରୋମ କାରଖାନାର ଏମ୍‌ଡି ବୀରକିଶୋର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ୫ଟି ଠିକାସଂସ୍ଥାକୁ ଶ୍ରମିକ ଯୋଗାଣ ଦାୟିତ୍ୱ ଦିଆଯାଇଛି। ଚୁକ୍ତି ଅନୁସାରେ କାର୍ଯ୍ୟ ଠିକ୍ ଭାବେ ଚାଲିଛି। ଏଥିରେ କୌଣସି ବ୍ୟତିକ୍ରମ ହେଉନାହିଁ ବୋଲି ସାହୁ କହିଛନ୍ତି।

## ପଡ଼ୋଶୀଙ୍କୁ ମାଡ଼ମାରି ଜଣେ ଗିରଫ

**ଜେନାପୁର,୧୮।୧୨(ଡି.ଏନ୍.ଏ):** ଜେନାପୁର ପୋଲିସ ଏକ ପାରିବାରିକ ଗଣ୍ଡଗୋଳ ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକହେଲେ ବୃନ୍ଦାଦେଇପୁର ପଞ୍ଚାୟତ ଦହିପୁର ଗ୍ରାମର ପ୍ରଶାନ୍ତ ଖଟୁଆ ୩୬)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସେହି ଗ୍ରାମର କାହ୍ନୁ ଚରଣ ଖଟୁଆଙ୍କୁ ପାରିବାରିକ କଳହ କାରଣରୁ ଗତ ୧୬ତାରିଖରେ ପ୍ରଶାନ୍ତ ମାଡ଼ ମାରିଥିଲେ। ଯାହାଫଳରେ କାହ୍ନୁ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୨୯୦/୧୯) ରୁଜୁ କରି ବୁଧବାର ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୮ ଅସହାୟ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ

**ଯାଜପୁର ଅଫିସ,୧୮।୧୨**

**ଜିଲା ଶିଶୁ ମଙ୍ଗଳ କମିଟି**

ଜିଲା ଶିଶୁ ମଙ୍ଗଳ କମିଟିର ପୃଷ୍ଠପୋଷକତା ଆର୍ଥିକ ସହାୟତା ଅନୁମୋଦନ କମିଟିର ନିଷ୍ପତ୍ତି କ୍ରମେ ୮ଜଣ ଛାତ୍ରୀଛାତ୍ରଙ୍କ ନାମକୁ ସହାୟତା ପ୍ରଦାନ ପାଇଁ ଅନୁମୋଦନ କରାଯାଇଛି। ସେମାନେ ହେଲେ ବିଞ୍ଝାରପୁରର ରୋଜି ମଲ୍ଲିକ, ଧର୍ମଶାଳାର ଶାଶ୍ୱତ ଶତପଥି ଓ ରାଜ ରୋଶନ ଠାକୁର, ଦଶରଥପୁରର ମାନସ ଜେନା ଓ ଆଶିଷ ଦାସ, ବଡଚଣାର ବାପି ଦେହୁରୀ, ଦାନଗଦୀର ପ୍ରକାଶ ଜାମୁଣ୍ଡା ଓ ବରୀ ବ୍ଲକର ସସ୍ମିତା ପ୍ରଧାନ। ଶିଶୁ ପରିଚର୍ଯ୍ୟା କେନ୍ଦ୍ରରୁ ବିଦାୟ ନେଉଥିବା ଏହି ପିଲାଙ୍କ ନାମକୁ ଅନୁମୋଦନ କମିଟିର ସଭ୍ୟ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲା ଶିଶୁ ମଙ୍ଗଳ ସମିତିର ବରିଷ୍ଠ ସଭ୍ୟ ରୁଦ୍ରନାରାୟଣ ପୃଷ୍ଟି, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଣଆନୁଷ୍ଠାନିକ ଅଧିକାରୀ ଅର୍ଚ୍ଚନା ସାମନ୍ତ ଏବଂ ଉତ୍କଳ ବାଳାଶ୍ରମର ତତ୍ତ୍ୱବଧାରିକା ପ୍ରଭାସିନି ସାହୁ ପ୍ରମୁଖ ଏହି ପିଲାଙ୍କ ନାମକୁ ସହାୟତା ରାଶି ପାଇବା ପାଇଁ ସୁପାରିଶ କରିଛନ୍ତି। ଏଥିସହିତ ରାଜଲକ୍ଷ୍ମୀ ଦୀକ୍ଷିତ, ପ୍ରିୟଙ୍କା ପ୍ରୀୟଦର୍ଶିନୀ, ଶୁଭଙ୍କର ରଣା, ପୂଜାରାଣୀ ମଲ୍ଲିକ, ଶିବାନୀ ଦଳେଇ, ସସ୍ମିତା ଦାସ ଓ ଆକାଶ ବାରିକଙ୍କ ନବୀକରଣ ମଧ୍ୟ କରାଯାଇଛି। ଗତବର୍ଷ ଏହି ସବୁ ଛାତ୍ରୀଛାତ୍ରମାନେ ଉପରୋକ୍ତ ସୁବିଧା ପାଉଥିବା ବେଳେ ପୁନରାୟ ଏମାନଙ୍କ ନାମ ଅନୁମୋଦନ କମିଟି ସୁପାରିଶ କରିବାରୁ ସେମାନେ ମଧ୍ୟ ଅନୁରୂପ ଭାବେ ସହାୟତା ରାଶି ପାଇବେ ବୋଲି କମିଟିର ସଭ୍ୟମାନେ କହିଛନ୍ତି। ପ୍ରକାଶ ଯେ, ଅସହାୟ ନାବାଳକ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଶିକ୍ଷା ଗ୍ରହଣ, ରୋଗଚିକିତ୍ସା ଓ ପୁଷ୍ଟିକର ଖାଦ୍ୟ ଗ୍ରହଣ ପାଇଁ ରାଜ୍ୟ ସରକାରଙ୍କ ଶିଶୁ କଲ୍ୟାଣ ବିଭାଗ ମାସିକ ୨ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା କରିଛନ୍ତି। ସାଧାରଣତଃ ଯେଉଁ ପିଲାମାନଙ୍କ ମାତାପିତା ନାହାଁନ୍ତି କିମ୍ବା ମା'ବାପାମାନେ ରୋଗରେ ପୀଡିତ ଥାଇ ରୋଜଗାର କରିପାରୁ ନାହାଁନ୍ତି, ଘରେ କେହି ରୋଜଗାର କ୍ଷମ ବ୍ୟକ୍ତି ନାହାଁନ୍ତି ସେପରି ଅସହାୟ ଶିଶୁଙ୍କୁ ଜିଲାର ବିଭିନ୍ନ ଶିଶୁ ପରିଚର୍ଯ୍ୟା କେନ୍ଦ୍ରରେ ରଖାଯାଇଥାଏ।

## ଶିକ୍ଷକ ବଦଳି ପ୍ରତିବାଦରେ ଧାରଣା

# ସ୍କୁଲ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର, ଅଭିଭାବକ


ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

**ଧର୍ମଶାଳା/ଜେନାପୁର, ୧୮।୧୨(ଡି.ଏନ୍.ଏ.)**

ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ଏବଂ ହିନ୍ଦୀ ଶିକ୍ଷକଙ୍କ ବଦଳିକୁ ପ୍ରତିବାଦ କରି ଧର୍ମଶାଳା ବ୍ଲକ ବାଘୁଆସ୍ଥିତ ବ୍ରାହ୍ମଣୀଦେବୀ ହାଇସ୍କୁଲ ମୁଖ୍ୟଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ନିକଟରେ ହିନ୍ଦୀ ଶିକ୍ଷକଙ୍କ ବଦଳି ଓ ଦୀର୍ଘ ଦିନ ହେବ ସ୍ଥାୟୀ ପ୍ରଧାନଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଫଳରେ ବାଧ ହୋଇ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଗେଟରେ ତାଲା ପକାଇ ଫାଟକ ସମ୍ମୁଖରେ ବିଭିନ୍ନ ନାରାବାଜି କରିବା ସହ ଧାରଣାରେ ବସିଥିଲେ। ଖବର ପାଇ ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଘଟଣା ସ୍ଥଳେ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏହି ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ମୋଟ ୨୬୫ ଛାତ୍ରୀଛତ୍ର ପଢୁ ଥିବାବେଳେ ୭ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି। ଏଠାରେ ହିନ୍ଦୀ ଶିକ୍ଷକଙ୍କୁ ଜେନାପୁର ଉଚ୍ଚ ବିଦ୍ୟାଳୟରେ ସପ୍ତାହର ଶେଷ ୩ଦିନ କାର୍ଯ୍ୟ କରିବେ ବୋଲି ପୂର୍ବରୁ ଅନୁମତି ମିଳିଥିଲା। ହେଲେ ଗତ ୫ତାରିଖରେ ଜେନାପୁର ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିବାରୁ ପିଲାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ହିନ୍ଦୀ ଶିକ୍ଷକ ସମ୍ପୂର୍ଣ୍ଣ ବଦଳି ହୋଇଗଲେ ଏଠାରେ ପାଠପଢିବାରେ ଘୋର ଆସୁ ବିଧା ହେବବୋଲି ପ୍ରକାଶ କରି ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ଛାତ୍ରୀଛାତ୍ରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଅଭିଭାବକମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ବଦଳି ହୋଇଥିବା ହୀନ୍ଦି ଶିକ୍ଷକଙ୍କ ବଦଳି ବାତିଲ ସହ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଡ଼ି ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲ ମାଟି ମାଡ଼ିବେ ନାହିଁ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଥିଲେ। ପରେ ଥାନାଧିକାରୀ ଦାସ ଘଟଣାସ୍ଥଳରେ ପହଞ୍ଚି ଫୋନ ଯୋଗେ ଡିଇଓଙ୍କ ସହ କଥାବର୍ତ୍ତା ହୋଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷରେ ପିଲାମାନଙ୍କ ପାଠପଢାରେ ସମସ୍ୟା ସୃଷ୍ଟି ହେବା ଘଟଣାକୁ ସ୍ୱୀକାର କରିଛନ୍ତି ସ୍କୁଲର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ। ଏନେଇ ସେ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଏନେଇ ଧର୍ମଶାଳା ବିଇଓ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରୁ ଖୁବ ଶୀଘ୍ର ଶିକ୍ଷକ ସମସ୍ୟା ଦୂର କରାଯିବ ବୋଲି କହିଛନ୍ତି।

## ଚୋରା କଳାପଥର ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

**ଧର୍ମଶାଳା/ଜେନାପୁର,୧୮।୧୨(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅଧିନସ୍ଥ ବାଘୁଆ କଳାପଥର ଖାଦାନରୁ ବେଆଇନ ଭାବେ ପଥର ଉତ୍ତୋଳନ କରି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ବୁଧବାର ଜେନାପୁର ପୋଲିସ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଏହି ପାହାଡରେ ବେଆଇନ ଖନନ ଓ ଲୁଟକୁ ରୋକିବା ପାଇଁ ତହସିଲ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏହାକୁ ଉଲ୍ଲଘଂନ କରି ପଥର ମାଫିଆମାନେ ପଥର ଉତ୍ତୋଳନ କରି ଅନ୍ୟ ସ୍ଥାନକୁ ପରିବହନ କରୁଛନ୍ତି। ଏହି ଖବର ଜଣାପଡ଼ିବା ପରେ ବୁଧବାର ସକାଳ ୬ଟା ସମୟରେ ବଳରାମପୁରଗଡ଼ ସର୍କଲ-୨ ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସ୍ୱାଇଁ ଜେନାପୁର ପୋଲିସ ସହାୟତାରେ ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ତାର ଚାଳକ ଅଞ୍ଜିରା ପଞ୍ଚାୟତ ସାମନ୍ତପାଟଣା ଗ୍ରାମର ମିଞ୍ଚା ବିଶ୍ୱାଳ( ୪୦)ଙ୍କୁ ଗିରଫ କରାଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୨୯୩/୧୯) ରୁଜୁ କରି ଚାଳକଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି। ଏନେଇ ଟ୍ରାକ୍ଟର ମାଲିକଙ୍କ ନାମରେ ଏକ କେସ ରୁଜୁ ହୋଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ


ବୈଠକରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ।

**ଧର୍ମଶାଳା,୧୮।୧୨(ଡି.ଏନ୍.ଏ.)**

ଯାଜପୁର ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟକାରୀ କମିଟିର ଏକ ଜରୁରୀ ବୈଠକ ସଭାପତି ରବି ଶତପଥୀଙ୍କ ସଭାପତିତ୍ୱରେ ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଯାଜପୁର ଜିଲାର ପ୍ରତ୍ୟେକ ବ୍ଲକର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସଭା ଆରମ୍ଭରେ ଜିଲାର କର୍ମକର୍ତ୍ତା ଓ ସଦସ୍ୟ ବଟକୃଷ୍ଣ ପ୍ରଧାନ, ନୃସିଂହ ସାହୁ, ଶ୍ରୀଧର ମହାରଣା, ଶ୍ୟାମସୁନ୍ଦର ପାତ୍ର, ସର୍ବେଶ୍ୱର ନାୟକ, ଯଦୁନାଥ ଧଳ, ଉଦ୍ଧବ ବାରିକ, ରବୀନ୍ଦ୍ର ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ମିନିଟ ନିରବ ପାର୍ଥନା କରାଯାଇଥିଲା। ଏହାପରେ ସମ୍ପାଦକ ବିବେକାନନ୍ଦ ନାୟକ ସୂଚନା ପ୍ରଦାନ କରିଥିଲେ। ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅବହେଳା କରୁଥିବାରୁ ଏଥିରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚିକିତ୍ସା ଭତ୍ତା, ପେନ୍‌ସନ ବିଭାଗ ପୁନଃ ପ୍ରତିଷ୍ଠା, ୭ମ ବେତନରେ କେନ୍ଦ୍ର ଅନୁରୂପ ପେନସନ ନିର୍ଦ୍ଧାରଣ ସର୍ବନିମ୍ନ ପେନ୍‌ସନ, ପେନସନର ଅସଙ୍ଗତି ଦୂର ଆଦି ବିଷୟରେ ଯୁଧିଷ୍ଠିର ସ୍ୱାଇଁ, ଅଭିରାମ ନନ୍ଦ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ରାୟ, କୈଳାସ ଚନ୍ଦ୍ର ସାମଲ, ସଚ୍ଚିଦାନନ୍ଦ ଗୁରୁ ପ୍ରମୁଖ ବହୁ ସଭ୍ୟ ଆଲୋଚନା କରିଥିଲେ। ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ଦେଇଥିବା ୫ ମହାଙ୍ଗା ଭତ୍ତା ତୁରନ୍ତ ପ୍ରଦାନ ପାଇଁ ଦାବୀ କରାଯାଇଥିଲା। ଏସବୁର ନିରାକରଣ ପାଇଁ ଆସନ୍ତା ୨୧ରେ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା।

**ଆମ ଗାଁ ଆମ ବିକାଶ ଲକ୍ଷ୍ୟଚ୍ୟୁତ**

# କାମରେ ଆସୁନି ଯୁବ ଗୋଷ୍ଠୀକେନ୍ଦ୍ର

**ରସୁଲପୁର,୧୮।୧୨(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକରେ ଆମ ଗାଁ ଆମ ଗାଁ ବିକାଶ ଲକ୍ଷ୍ୟଚ୍ୟୁତ ହୋଇଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନା ଜରିଆରେ ପ୍ରକଳ୍ପ ଚୟନରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏବେ ସୁଦ୍ଧା ୧୮ମାସ ମଧ୍ୟରେ ଶତକଡ଼ା ୬୦ଭାଗ ପ୍ରକଳ୍ପ ଶେଷ ହୋଇଛି। ହେଲେ ସରିଥିବା ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ପ୍ରକଳ୍ପ ଗାଁର ବିକାଶ ଘଟାଉଛି ବୋଲି ମନେହେଉ ନାହିଁ। ବିଶେଷକରି ଏହି ଯୋଜନାରେ ନିର୍ମାଣ ହୋଇଥିବା ଗୋଷ୍ଠୀକେନ୍ଦ୍ର ମଧ୍ୟରୁ ଅନେକ ଜନସାଧାରଣଙ୍କ କାମରେ ଆସୁ ନ ଥିବା ଦେଖିବାକୁ ମିଳୁଛି। କେବଳ ମୁଷ୍ଟିମେୟ ବ୍ୟକ୍ତିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିବା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ପ୍ରକାଶ ଯେ,୨୦୧୮ ଜୁନରେ ଆମ ଗାଁ ଆମ ବିକାଶ ଯୋଜନାରେ ପ୍ରସ୍ତାବିତ ପ୍ରକଳ୍ପଗୁଡିକୁ ମଞ୍ଜୁରୀ ମିଳିଥିଲା। ସେହି ମୁତାବକ ଏହି ବ୍ଲକର ମୋଟ ୨୫୩ ପ୍ରକଳ୍ପ ପାଇଁ ୭.୯୯କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ମଞ୍ଜୁରପ୍ରାପ୍ତ ପ୍ରକଳ୍ପ ମଧ୍ୟରୁ ପ୍ରାୟତଃ ୨୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇ ଆସୁଛି। ତେବେ ପୂର୍ବରୁ ବିଧାୟକ ଓ ଏମ୍‌ପିଙ୍କ ପାଣ୍ଠିରୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଉଥିଲା। ମାତ୍ର ଆମ ଗାଁ ଆମ ବିକାଶ ନାଁରେ ନୂଆ ଯୋଜନା ପ୍ରଣୟନ କରି ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବା ଘଟଣା କେବଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଉଛି। ଏହିକ୍ରମରେ ବ୍ଲକରୁ ଅନୁସନ୍ଧାନରୁ ଜଣାଯାଇଛି ଯେ, ଏବେ ସୁଦ୍ଧା ଏହି ଯୋଜନା ଅଧୀନସ୍ଥ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୧୮୫ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ବଳକା ୬୮ଟି ପ୍ରକଳ୍ପ ମଧ୍ୟରୁ ୪୪ଟି ପ୍ରକଳ୍ପ ଏ ଯାଏ ଆରମ୍ଭ ହୋଇନାହିଁ। ୨୪ଟି ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି ବୋଲି ଜଣାପଡ଼ିଛି। ଏସବୁ କାର୍ଯ୍ୟକୁ ୬ମାସ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ମାତ୍ର କାର୍ଯ୍ୟଶେଷ ହେବାର ଅବଧି ଠାରୁ ଅଧିକା ୧ବର୍ଷ ଗଡ଼ିଗଲାଣି। ହେଲେ ନିର୍ମାଣ କାର୍ଯ୍ୟ ସରିବାରେ ଅହେତୁକ ବିଳମ୍ବ ହେବାରେ ଲାଗିଛି। ଏହଛଡ଼ା ଯୋଜନାରେ ନିର୍ମିତ ପ୍ରକଳ୍ପଗୁଡ଼ିକ ଲୋକାଭିମୁଖୀ ହୋଇପାରୁ ନାହିଁ। ସେଥିମଧ୍ୟରୁ ଓଡ଼ିଶୋ ପଞ୍ଚାୟତ କରଞ୍ଜିଆରୀ ଗ୍ରାମର ଆମ୍ବଗଡ଼ିଆ ନାଳ ଭିତରେ ତିଆରି ହୋଇଥିବା ମହାବୀର ଯୁବ ଗୋଷ୍ଠୀ କେନ୍ଦ୍ରକୁ ଉଦାହରଣ ଭାବରେ ନିଆଯାଇ ପାରେ। ଏଠାରେ ନିର୍ମିତ ଗୋଷ୍ଠୀକେନ୍ଦ୍ର ଏକ ନାଳ ଭିତରେ ଅବସ୍ଥିତ। ଏହି ପ୍ରକଳ୍ପ ପାଇଁ ୪ଲକ୍ଷ୍ୟ ଟଙ୍କା ବ୍ୟୟବରାଦ କରାଯାଇଛି। କାମ ସରିବା ପରେ ବିଲ୍ ବି ପୈଠ ହୋଇସାରିଛି। ତେବେ ଟଙ୍କା ମୁତାବକ ଘରର ଆକାର ଛୋଟ ବୋଲି ଅଭିଯୋଗ ହେଉଛି। ଗୋଷ୍ଠୀ କେନ୍ଦ୍ର ଏକ ନାଳ ଭିତରେ ନିର୍ମାଣ କରାଯାଇଛି। କେନ୍ଦ୍ର ଚତୁଃପାର୍ଶ୍ୱରେ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ଓ ଖଲୁଆ ରହିଛି। କେନ୍ଦ୍ର ନିକଟକୁ ଯିବା ପାଇଁ ରାସ୍ତାଟିଏ ନାହିଁ। ବର୍ଷା ଦିନରେ ପାଣି ଘେରରେ କେନ୍ଦ୍ର ରହୁଛି। ଏସବୁ କାରଣରୁ ଉକ୍ତ କେନ୍ଦ୍ରଟି ସ୍ଥାନୀୟ ଜନସାଧାରଣଙ୍କ କାମରେ ଲାଗୁ ନାହିଁ। ଏତଦ୍ ବ୍ୟତୀତ କେନ୍ଦ୍ରଟି ଏକ ବିବାଦୀୟ ଜମି ଉପରେ ନିର୍ମାଣ କରାଯାଇଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏହିଭଳି ସ୍ଥିତି କେବଳ ଓଡିଶୋ ପଞ୍ଚାୟତ ନୁହେଁ। ବରଂ ବ୍ଲକ ଅଧିନସ୍ଥ ୨୮ଗୋଟି ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। କେଉଁଠି ଗୋଷ୍ଠୀ କେନ୍ଦ୍ରରରେ କବାଟ ଲାଗି ନାହିଁ ତ ଆଉ କେଉଁଠି ନିର୍ମାଣ କାର୍ଯ୍ୟକୁ ନେଇ ଆପତ୍ତି ରହିଛି। ସାମଗ୍ରିକ ଭାବରେ କହିବାକୁ ଗଲେ ଆମ ଗାଁ ଆମ ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। ହେଲେ ଗ୍ରାମ ବିକାଶର ବାସ୍ତବତାଠାରୁ ବହୁ ଦୂରରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏସମ୍ପର୍କରେ ସହକାରୀ ଯନ୍ତ୍ରୀ ନମିତା ହାଁସଦାଙ୍କୁ ପଚାରିବାରୁ ଏନେଇ ସେ ତଦନ୍ତ କରିବେ ବୋଲି କହିବା ସହ ବଳକା ପ୍ରକଳ୍ପକୁ ତୁରନ୍ତ ସାରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ତେବେ ନାଳରେ ଅବସ୍ଥିତ ଗୋଷ୍ଠୀ କେନ୍ଦ୍ରର ଚତୁଃପାର୍ଶ୍ୱକୁ ମାଟି ପକାଇ ଉନ୍ନତୀକରଣ କରାଯିବ ବୋଲି କହିଛନ୍ତି। ଅପରପକ୍ଷରେ ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଧର୍ମଶାଳା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଧାୟକ ଅନୁଦାନ ପାଣ୍ଠିରୁ ଅର୍ଥ ମଞ୍ଜୁର ହେଲେ ଭିତ୍ତିଭୂମୀ ବିକାଶ କାର୍ଯ୍ୟ ତୁରନ୍ତ ଶେଷ କରାଯିବ ବୋଲି ସୂଚନା ମିଳିଛି।



## ସଂକ୍ଷେପରେ

### ଶାଶୁଘର ଆଗରେ ମହିଳାଙ୍କ ଧାରଣା

**ବାଲିକୁଦା,୧୮।୧୨(ସ୍ୱ.ପ୍ର.):** ପ୍ରଥମେ ପ୍ରେମ ଓ ପରେ ରେଜେଷ୍ଟ୍ରି ମ୍ୟାରେଜ ପରେ ବି ଶାଶୁଘର ଲୋକେ ମହିଳାଙ୍କୁ ବୋହୂ ଭାବେ ଗ୍ରହଣ କରୁନାହାନ୍ତି। ଫଳରେ ସେ ନ୍ୟାୟ ପାଇବା ଆଶାରେ ୩ଦିନ ହେବ ଶାଶୁ ଘର ଆଗରେ ଧାରଣା ଦେଉଛନ୍ତି। ଏହା ଦେଖି ତାଙ୍କ ଶାଶୁ ଓ ସ୍ୱାମୀ ଫେରାର ହୋଇ ଯାଇଛନ୍ତି। ବାଲିକୁଦା ଥାନା ଅଞ୍ଚଳରେ ଘଟିଛି ଏପରି ଘଟଣା। ଅନନ୍ତପୁର ଅଞ୍ଚଳର ଯୁବତୀ ବଡ଼ଗାଁର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ଯୁବକ ଜଣଙ୍କ ସମ୍ପୃକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ଯୁବତୀ ବିବାହ କରିବାକୁ କହିବାରୁ ଯୁବକ ଜଣକ ମନା କରିଦେଇଥିଲେ। ଉକ୍ତ ଘଟଣାରେ ଯୁବତୀ ବାଲିକୁଦା ଥାନାରେ ଅଭିଯୋଗ କଲା ପରେ ଦୁଇ ପରିବାର ଓ ଭଦ୍ର ଲୋକଙ୍କ ଜରିଆରେ ବିବାହ ପାଇଁ ଯୁବକ ରାଜି ହୋଇଥିଲେ। ପରେ ରେଜେଷ୍ଟ୍ରି ମ୍ୟାରେଜ ହୋଇଥିଲା। ମାତ୍ର ଉକ୍ତ ଘଟଣାକୁ ଦେଢ଼ମାସ ହୋଇଥିଲେ ମଧ ଯୁବକଙ୍କ ପରିବାର ପକ୍ଷରୁ ଯୁବତୀଙ୍କୁ ବହୁ ଭାବେ ଗ୍ରହଣ କରୁ ନ ଥିଲେ। ଏଭଳି ଘଟଣା ୩ ଦିନ ହେବ ଅଞ୍ଚଳରେ ଚର୍ଚ୍ଚା ଚାଲିଥିବା ବେଳେ ପୋଲିସ ପାଖରେ କୌଣସି ଖବର ନ ଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

### ଚୋରି ଘଟଣାର ଅଭିଯୁକ୍ତ ନୟାଗଡ଼ରୁ ଗିରଫ

**ବିରିଡି,୧୮।୧୨(ଡି.ଏନ.ଏ):** ଅକ୍ଟୋବର ୨୦ରେ ବିରିଡ଼ି ଥାନା ଅନ୍ତର୍ଗତ ବଡିକିରା ଗ୍ରାମର ପ୍ରଦୀପ ସାହୁଙ୍କ ଘରୁ ଟଙ୍କା, ସୁନା, ଅଳଙ୍କାର ଆଦି ଚୋରି ହୋଇଥିଲା। ଏହି ଘଟଣାର ଅଭିଯୁକ୍ତ ଅଜୟ କୁମାର ନାଥ ଓରଫ କାଳିଆଙ୍କୁ ସ୍ଥାନୀୟ ପୋଲିସ ନୟାଗଡ ଜିଲା ଚାନ୍ଦପୁର ଗ୍ରାମରୁ ମଙ୍ଗଳବାର ରାତିରେ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଘର ବିରିଡ଼ି ଥାନା ଅନ୍ତର୍ଗତ ରାଣୀପଡା ଗ୍ରାମରେ। ଏ ସଂକ୍ରାନ୍ତରେ ୧୨୮/୧୯ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ରାତିରେ ଘରେ ପସି ୨୦ ହଜାର ଟଙ୍କା, ସୁନା, ଅଳଙ୍କାର ଆଦି ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଚାନ୍ଦପୁର ଗ୍ରାମରେ ଅଭିଯୁକ୍ତ ଆତ୍ମଗୋପନ କରିଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପରେ ରାତିରେ ସେଠାରେ ଚଢ଼ାଉ କରି ଅଜୟଙ୍କୁ କାବୁ କରିବା ପରେ ବିରିଡ଼ି ଥାନାକୁ ଅଣା ଯାଇଥିଲା।

### ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

**ଏରସମା,୧୮।୧୨(ସ୍ୱ.ପ୍ର.):** ଏରସମା ହାଇସ୍କୁଲ ପରିସରରେ ମଙ୍ଗଳବାର ଆରମ୍ଭ ହୋଇଥିବା ଜିଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା, ବିଜ୍ଞାନ, ଗଣିତ ଓ ପରିବେଶ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକନ୍ତ ମହାନ୍ତି, ମୁଖ୍ୟବକ୍ତା ବୈଜ୍ଞାନିକ ଚିତ୍ତରଞ୍ଜନ ମିଶ୍ର, ଜିଲା ପ୍ରକଳ୍ପ ସଂଯୋଜକ ସପନ କୁମାର ଜେନା, ବିଇଓ ଜୟନ୍ତ କୁମାର ରାୟ, ଇଂ. ମାୟାଧର ସ୍ୱାଇଁ, ପ୍ରାଣୀ ବିଜ୍ଞାନୀ ଡା. ମୁରାରୀ ମୋହନ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ଉତ୍ତମ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବଶ୍ରୀ ନାୟକ, ଆକାଶ ରାୟ, ସତ୍ୟନାରାୟଣ ଦାସ, ସାଇଶଙ୍କର ସାହୁ, ଶୁଭମ ଦାସ ଅବିନାଶ କୁମାର ବଡୁଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଶେଷରେ ସ୍ମୃତି ଜିଜ୍ଞାସା ମୁଖପତ୍ର ଉନ୍ମୋଚନ କରାଯାଇଥିଲା।

## ■ ନାଉଗାଁ ପଞ୍ଚାୟତ ସମିତିର ୯ମ ଅଧିବେଶନ

# ଉନ୍ନୟନ କାର୍ଯ୍ୟ ଆଗେଇନେବାକୁ ପରାମର୍ଶ

**ନାଉଗାଁ,୧୮।୧୨(ସ୍ୱ.ପ୍ର.)**

ନାଉଗାଁ ପଞ୍ଚାୟତ ସମିତିର ୯ମ ଅଧିବେଶନ ବୁଧବାର ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ମାମିନା ଦଳାଇ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ବିଡିଓ ରଶ୍ମିରେଖା ମଲ୍ଲିକ, ତହସିଲଦାର ଜେ. କଳ୍ପନା, ଜିପିଓ ଦିନେଶ ରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି ଯୋଗ ଦେଇଥିଲେ। ବୈଠକରେ ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବ୍ଲକ ଉନ୍ନୟନ କାର୍ଯ୍ୟରେ ପଛାଇଛି। ତେଣୁ ସମସ୍ତ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେବାକୁ ବିଧାୟକ ପରାମର୍ଶ ଦେଇଥିଲେ।



ପଞ୍ଚାୟତ ସମିତି ବୈଠକରେ ବିଧାୟକ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ।

ସମିତି ଅଧୀନରେ କେତେ ଖାଉଟି ସାମଗ୍ରୀ ବଣ୍ଟନ କରାଯାଉଛି ତା'ର ତାଲିକା ପ୍ରଦାନ କରିବା ପାଇଁ କୁହାଯାଉଥିଲେ ମଧ ଯୋଗାଣ ବିଭାଗ ପଦକ୍ଷେପ ନେଉନାହିଁ ବୋଲି ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ସବିଶେଷ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ଥିବା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ କହିଥିଲେ। ସମସ୍ତେ ୱେବସାଇଟ୍ ଦେଖିପାରୁ ନାହାନ୍ତି। ତେଣୁ ଉକ୍ତ ତାଲିକା ପଞ୍ଚାୟତ ପ୍ରତିନିଧିଙ୍କୁ ପ୍ରଦାନ କରିବା ପାଇଁ ଉପାଧ୍ୟକ୍ଷ ସ୍ୱାଇଁ କହିଥିଲେ। କାର୍ଡ ଥାଇ ମଧ ଅନେକ ହିତାଧିକାରୀ ସାମଗ୍ରୀରୁ

■ପ୍ରତିଶ୍ରୁତି ପାଳନ କରାଯାଉ ନ ଥିବାରୁ ଦୁଇ ଦଳର ସମିତିସଭ୍ୟ, ସରପଞ୍ଚଙ୍କ ଧାରଣା

■କୃଷି କାର୍ଯ୍ୟାଳୟରେ ବିଦ୍ୟୁତ୍ ନ ଥିବାରୁ ବିଧାୟକଙ୍କ ଅସନ୍ତୋଷ

ବଞ୍ଚିତ ହେଉଥିବା ବାଂଶ ସରପଞ୍ଚ ସନ୍ତୋଷ ଦାସ, ରୋହିଆ ସମିତିସଭ୍ୟ ପଦ୍ମଚରଣ ରାଉତ ଅଭିଯୋଗ କରିଥିଲେ। କୃଷି କାର୍ଯ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଶୀଘ୍ର ବିଦ୍ୟୁତ ସଂଯୋଗ ପାଇଁ ବ୍ଲକ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚିନାବାଦାମ ବିହନ ପାଇବାରୁ ରୋହିଆ ପଞ୍ଚାୟତ ଚାଷୀ ବାଦ୍ ପଡିଥିବା ସମିତିସଭ୍ୟ ରାଉତ ଓ ସରପଞ୍ଚ ଶିବପ୍ରସାଦ ନାୟକ ଅଭିଯୋଗ କରିଥିଲେ। ତେବେ ଯେଉଁ ପଞ୍ଚାୟତରେ ଚିନାବାଦାମ ବିହନ ଦିଆଯାଇ ନାହିଁ ରବି ଋତୁରେ ସେସବୁ ପଞ୍ଚାୟତରେ ଅନ୍ୟ ବିହନ ପ୍ରଦାନ କରିବାକୁ ବିଧାୟକ କହିଥିଲେ। ଏହି ୨ ବିଭାଗ ପରେ ଉନ୍ନୟନ ବିଭାଗର ଆଲୋଚନା ହୋଇଥିଲା। ଆଲୋଚନା ଆରମ୍ଭ ମାତ୍ରେ କଂଗ୍ରେସ ଓ ଭାଜପା ସମର୍ଥିତ କିଛି ସମିତିସଭ୍ୟ, ସରପଞ୍ଚ ଦିଆଯାଇଥିବା ପ୍ରତିଶ୍ରୁତି କାହିଁକି ପାଳନ କରାଯାଉ ନାହିଁ କହି ନିଜ ଆସନରୁ ଓହ୍ଲାଇ ତଳେ ବସି ପ୍ରତିବାଦ କରିଥିଲେ। ଅଧ୍ୟକ୍ଷ ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ହଟିଥିଲେ। ୮୦ ବର୍ଷରୁ ଊର୍ଦ୍ଧ୍ୱ ଅନେକ ବୃଦ୍ଧାବୃଦ୍ଧ ଭତ୍ତା ପାଉ ନ ଥିବା ନେଇ ଜିଲା ପରିଷଦ ଉପାଧ୍ୟକ୍ଷ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଦିଗରେ ଧ୍ୟାନଦେବାକୁ ବିଧାୟକ ବ୍ଲକ ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସମନ୍ୱିତ ଶିଶୁ ବିକାଶ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଉପରେ ଆଲୋଚନା କରାଯାଇଥିଲା।

## ଏରସମା ପଞ୍ଚାୟତ ସମିତି ବୈଠକ

**ଏରସମା,୧୮।୧୨(ସ୍ୱ.ପ୍ର.)**

ଏରସମା ପଞ୍ଚାୟତ ସମିତିର ଏକ ବୈଠକ ସମିତି ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଜଳସମ୍ପଦ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ବିଡିଓ କୈଳାସ ଚନ୍ଦ୍ର ବେହେରା, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ, ଏମ୍‌ପିଙ୍କ ପ୍ରତିନିଧି ପୀତବାସ ଗଛାୟତ, ଜିଲାପରିଷଦ ସଭ୍ୟ ସ୍ୱର୍ଣ୍ଣଲତା ସେନାପତି, ଦୀପ୍ତିରଞ୍ଜନ କୁଅଁର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ତେବେ କାଳିଆ ଯୋଜନାର ସହାୟତା ପ୍ରକୃତ ଚାଷୀଙ୍କୁ ନ ମିଳିବା ଓ ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ନେଇ ବୈଠକରେ ହଟ୍ଟଗୋଳ ହୋଇଥିଲା। ବୈଠକକୁ ସ୍ଥାନୀୟ ଖବରଦାତାମାନଙ୍କୁ ଡକା ନ ଯିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ କ'ଣ ପାଇଁ ଖବରଦାତାଙ୍କୁ ଡକା ଗଲାନି ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହେଲେ ଏ ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ■ ଅସ୍ଥାୟୀ ଡମ୍ପିଂୟାର୍ଡରୁ ସଫା ହେଲା ଅଳିଆ

# ବର୍ଜ୍ୟବସ୍ତୁ ରଖାଯିବାକୁ ବସିବ ୫ କୁଣ୍ଡ

**ଜଗତ୍‌ସିଂହପୁର ଅଫିସ,୧୮।୧୨**

ଦୀର୍ଘ ବର୍ଷ ପରେ ସ୍ଥାନୀୟ କଲେଜ ଛକ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡରୁ ବୁଧବାର ଅଳିଆ ସଫା ଅଭିଯାନ ଆରମ୍ଭ ହୋଇଛି। ଜେସିବି ଯୋଗେ ଗଦା ହୋଇଥିବା ଅଳିଆ ପାର୍ଶ୍ୱସ୍ଥ ନଦୀ ପଠାକୁ ଠେଲି ଦିଆଯାଉଛି। ଏହି ଅଭିଯାନ ଗୁରୁବାର ଭିତରେ ସରିଯିବ ବୋଲି କୁହାଯାଉଛି। ଅଳିଆ ସଫା ପରେ ସେ ସ୍ଥାନରେ ସିମେଣ୍ଟରେ ୫ଟି କୁଣ୍ଡ କରାଯିବ। ସେଗୁଡିକ ମଧ୍ୟରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ୧ଟିରେ, କାଚ ୧, ଲୁହା ୧ ଓ ଜରି ୨ଟିରେ ରଖାଯିବ। କାଚ, ଲୁହା, ପ୍ଲାଷ୍ଟିକ୍ ନିଲାମ କରାଯାଇ କବାଡିଆଙ୍କୁ ବିକ୍ରି କରାଯିବ। ଜରିଗୁଡିକ ଗାଡି କରାଯାଇ ବ୍ଲାଷ୍ଟ ଫର୍ନେସ୍ ପଠାଯିବା ବ୍ୟବସ୍ଥା ହେବ ବୋଲି ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ପରିଷଦ କନିଷ୍ଠ ଯନ୍ତ୍ରୀ ଦେବବ୍ରତ ମିଶ୍ର କହିଛନ୍ତି, ଅଳିଆ ଗଦା ହେଉଥିବା ସ୍ଥାନରେ ପୌର ପରିଷଦର ୧୨ ଡିସିମିଲ୍ ଜମି ରହିଛି। କିଛି ଜମିରେ ମଶାଣି କରାଯାଇଥିବା ବେଳେ ଅବଶିଷ୍ଟରେ ଅଳିଆ ପଡୁଛି। ଏଥିସହ ଏହି ଜମିକୁ ଲାଗି ସରକାରୀ ଜମି ରହିଛି। ଏହି ଜମି ପରିଷଦକୁ ହସ୍ତାନ୍ତର ପାଇଁ ପ୍ରକ୍ରିୟା ଚାଲିଛି। କୁଣ୍ଡ ହୋଇଗଲା ପରେ ପ୍ରଦୂଷଣ ମାତ୍ରା କମିଯିବ ବୋଲି ଆଶା କରାଯାଉଛି। କାରଣ ଅନେକ ସମୟରେ ପରିଷଦ ପକ୍ଷରୁ ହେଉ ଅବା ଅନ୍ୟ କେହି ଅଳିଆ ଗଦାରେ ନିଆଁ ଲଗାଇ ଦେଉଥିବାରୁ ସାରା ଅଞ୍ଚଳ ଧୂଆଁମୟ ହୋଇଯାଉଛି। ଏପରି କି ଆଖପାଖରେ



ଅସ୍ଥାୟୀ ଡମ୍ପିଂୟାର୍ଡରୁ ଅଳିଆ ସଫା କରାଯାଉଛି।

ଥିବା ଦୋକାନୀ ଓ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାରେ ପଡୁଛନ୍ତି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଛୋଟ ପିଲା ଏବଂ ବୃଦ୍ଧା, ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଉଛି। ହୃଦରୋଗୀ ଯନ୍ତ୍ରଣାରେ ଛଟଛଟ ହେଉଛନ୍ତି। ପାର୍ଶ୍ୱରେ ଥିବା ଏସ୍‌ଭିଏମ୍ ମହାବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରତ୍ୟହ ପ୍ରଦୂଷଣ ଯୋଗୁ କ୍ଷତିଗ୍ରସ୍ତ ହେଉଛନ୍ତି। କଣ୍ଠାବଲ୍ଲଭପୁରରେ ହେବାକୁ ଥିବା ସ୍ଥାୟୀ ଡମ୍ପିଂୟାର୍ଡ ଗ୍ରାମବାସୀଙ୍କ ବିରୋଧ ଯୋଗୁ ହୋଇପାରୁନାହିଁ। ଯଦିଓ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ପ୍ରଦୂଷଣ ହେବନାହିଁ ବୋଲି ସ୍ପଷ୍ଟ କରାଯାଉଛି ତଥାପି ଲୋକେ ବୁଝିବାକୁ ରାଜି ନାହାନ୍ତି। ବାସ୍ତବରେ କିନ୍ତୁ ପ୍ରଦୂଷଣ ଯୋଗୁ ଲୋକେ ଅଶାନ୍ତି ହେଉଥିବା କଥା ଠିକ ନୁହେଁ ବୋଲି କୁହାଯାଉଛି। କେତେକଙ୍କ କହିବା କଥା ହେଲା ଡମ୍ପିଂୟାର୍ଡ ହେବାକୁ ଥିବା ସ୍ଥାନ ପାର୍ଶ୍ୱରେ ଜମିର ମୂଲ୍ୟ ଆକାଶ ଛୁଆଁ ରହିଛି। ଡମ୍ପିଂୟାର୍ଡ ନିର୍ମାଣ ହେଲେ ଜମିର ମୂଲ୍ୟ କମିଯିବ। କାରଣ ଲୋକେ ସେଠାରେ ଘର କରି ରହିବାକୁ ପସନ୍ଦ କରିବେ ନାହିଁ। ସେହିପରି ନିକଟରେ ଏକ ବିଦ୍ୟାଳୟ ମଧ ରହିଛି। ତେଣୁ ଡମ୍ପିଂୟାର୍ଡକୁ ବିରୋଧ ପାଇଁ ଷଡ଼ଯନ୍ତ୍ର ହେଉଛି ବୋଲି କୁହାଯାଇଛି। କଲେଜ ଛକ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡରେ ନିଆଁ ଲଗାଯିବା ରୋକାଯାଇ ପାରିଲେ ପ୍ରଦୂଷଣ କମିପାରନ୍ତା ବୋଲି ମତ ପ୍ରକାଶ ପାଇଛି।

## ଲୋକସେବା ଅଧିକାର ଆଇନ-୨୦୧୨ ସମ୍ପର୍କରେ ସଚେତନତା

**ବାଲିଆ,୧୮।୧୨**

ବିରିଡି ବ୍ଲକ ଅଧୀନ ଅନନ୍ତବଟସ୍ଥିତ ଅଳକା ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଏବଂ ଅଳକା ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଲୋକସେବା ଅଧିକାର ଆଇନ-୨୦୧୨ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ସହକାରୀ ଜିଲାପାଳ ଅକ୍ଷୟ କୁମାର ବଡୁ ଯୋଗଦେଇ ଏହି ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ କୁମାର ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୋକସେବା ଆଇନର କାର୍ଯ୍ୟକାରିତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡ. ରୁଦ୍ର ନାରାୟଣ ମିଶ୍ର ଏହି ଆଇନ ସୃଷ୍ଟି, ଏହାର ଉପଦେୟତା ଏବଂ ଆଇନର କ'ଣ ଆବଶ୍ୟକତା ରହିଛି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଭରତ ଚନ୍ଦ୍ର ପ୍ରଧାନ, ଅର୍ଥନୀତି ବିଭାଗ ମୁଖ୍ୟ ରୁଦ୍ରନାରାୟଣ ମହାନ୍ତି ନିଜ ନିଜର ମତ ରଖିଥିଲେ। ଅଧ୍ୟାପକ ପରିକ୍ଷିତ ମଲ୍ଲିକ ଶିବିରକୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡ. ଜ୍ୟୋତି ପ୍ରକାଶ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇ ଆଇନ ସମ୍ପର୍କରେ ସଚେତନ ହୋଇଥିଲେ।

## ଚାକିରି ଦେବା ନାଁରେ ଠକେଇ ଅଭିଯୋଗ

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଘେରିଲେ ଗ୍ରାମବାସୀ

**ବାଲିକୁଦା,୧୮।୧୨(ସ୍ୱ.ପ୍ର.)**

ଚାକିରି କରେଇ ଦେବାକୁ କହି ବିଭିନ୍ନ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗ୍ରାମବାସୀ ଘେରିବା ସହ ଗାଁ ସ୍କୁଲ ଘରେ ଅଟକ ରଖିଥିଲେ। ବାଲିକୁଦା ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ଆଣି ଘଟଣା ସମ୍ପର୍କରେ ଆଲୋଚନା କରିଥିବା ସୂଚନା ମିଳିଛି। ମହିଳା ଜଣକ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟରତ ବୋଲି ସୂଚନା ମିଳିଛି। ସେ ଓ ତାଙ୍କ ସ୍ୱାମୀ ଅଡ଼ଙ୍ଗା ପଞ୍ଚାୟତ ଜଗନ୍ନାଥପୁର ଗାଁର ସବିତା ଭୋଇଙ୍କୁ ଚାକିରି କରାଇଦେବାକୁ କହି ୨୫ ହଜାର ଟଙ୍କା ନେଇଥିଲେ। ସେହିପରି ବାସନ୍ତୀ ମହାନ୍ତିଙ୍କଠାରୁ ୫,୫୦୦ ଟଙ୍କା ନେଇଥିଲେ। ବାସନ୍ତୀଙ୍କୁ ମଧ ୨୫ ହଜାର ଟଙ୍କା ମାଗିଥିବାବେଳେ ତାଙ୍କ ପାଖରେ ଏତେ ଟଙ୍କା ନ ଥିବାରୁ ପ୍ରଥମ ପର୍ଯ୍ୟାୟରେ ୫୦୦୦ ଟଙ୍କା ଓ ଖର୍ଚ୍ଚ ପାଇଁ ୫୦୦ ଟଙ୍କା ଦେଇଥିଲେ। ଅନ୍ୟପକ୍ଷରେ ସମାନ କାର୍ଯ୍ୟ ପାଇଁ ବାଲିକୁଦାର ଜଣେ ସୁନା ବ୍ୟବସାୟୀଙ୍କଠାରୁ ମଧ ଉକ୍ତ ଦମ୍ପତି ଅଢ଼େଇ ଲକ୍ଷ ଟଙ୍କା ନେଇଥିବା ଜଣାପଡିଛି। ଚାକିରି ନ ହେବାରୁ ଓ ଦୀର୍ଘଦିନ ଅପେକ୍ଷା କରିବା ପରେ ଟଙ୍କା ଫେରି ନ ପାଇବାରୁ ଟଙ୍କା ଦେଇଥିବା ଲୋକେ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ମହିଳା ଇଞ୍ଜେକଶନ୍ ଦେବାକୁ ଆସିଥିଲେ। ସେ ଇଞ୍ଜେକସନ୍ ଦେଉଥିବାବେଳେ ଖବର ପାଇ ଗାଁର ମହିଳାମାନେ ପହଞ୍ଚି ଟଙ୍କା ଫେରସ୍ତ ପାଇଁ କହିଥିଲେ। ହେଲେ ସେ ମହିଳାଙ୍କ ସହ ଯୁକ୍ତିତର୍କ କରିଥିଲେ। ମହିଳାମାନେ ରାଗିଯାଇ ତାଙ୍କୁ ଘେରିଥିଲେ। ଏ ସମ୍ପର୍କରେ ଜାଣିବା ନିମନ୍ତେ ମହିଳାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇ ନ ଥିଲା। ଏମ୍‌ଓଆଇସି ଡ. ହିମାଂଶୁ ସାହୁଙ୍କୁ ପଚାରିବାରୁ ସେ ତାଙ୍କର ବ୍ୟକ୍ତିଗତ ମାମଲାରେ ଫସିଥାଇ ପାରନ୍ତି। ଆମ ପାଖରେ କିଛି ଖବର ନାହିଁ ବୋଲି କହିଥିଲେ।

## ଚାରାରୋପଣ, ସଫେଇ କାର୍ଯ୍ୟକ୍ରମ

**ତିର୍ତ୍ତୋଲ,୧୮।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ବୋଧେଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଚାରାରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂଘ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ.ରବୀନ୍ଦ୍ର ପ୍ରହରାଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ସଂଘ କର୍ମକର୍ତ୍ତା ନୂଆପୋଖରୀ ବଜାର ନିକଟବର୍ତ୍ତୀ ଡିଙ୍କିଆ ଗ୍ରାମର ରାସ୍ତା ପାର୍ଶ୍ୱରେ ଚାରାରୋପଣ କରିଥିଲେ। ସ୍ଥାନୀୟ ଓମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଘ ଯୁଗ୍ମ ସମ୍ପାଦକ ଗୋପାଳ ଚରଣ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ହେମନ୍ତ ବର୍ଦ୍ଧନ, ଶରତ ଚନ୍ଦ୍ର ସେଠୀ, କ୍ଷେତ୍ରମୋହନ ବିଶ୍ୱାଳ, ଅଜୟ ସାହାଣୀ, ଅଜୟ ଚରଣ ସ୍ୱାଇଁ, ବୃନ୍ଦାବନ ତାରେଣିଆ, ସର୍ବେଶ୍ୱର ସାହାଣୀ, ବାବାଜୀ ଚରଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରତିଷ୍ଠା ଦିବସ ପାଳନ ପାଇଁ ବିଜେଡିର ପ୍ରସ୍ତୁତି

**ବାଲିଆ,୧୮।୧୨**

ବିଜେଡିର ପ୍ରତିଷ୍ଠା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ବାଲିଆ ଷ୍ଟୋରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। କାଳନ୍ଦୀ ଚରଣ ବସ୍ତିଆଙ୍କ ସଭାପତିତ୍ୱରେ ଜିଲା ବିଜେଡି ଉପସଭାପତି ରବି ନାରାୟଣ ଜେନା, ଜିଲା ସଂଖ୍ୟା ଲଘୁ ସେଲ ଅଧ୍ୟକ୍ଷ ମିର ଆଜମିର ଅଲ୍ଲୀ, ଜିଲା ପରିଷଦ ସଭ୍ୟା ଲତାମଣି ଦାସ, ସଭ୍ୟ ପ୍ରତାପ ଚନ୍ଦ୍ର ବେହେରା, ଜିଲା ବିଜେଡି ଛାତ୍ର ନେତା ପ୍ରଦୀପ୍ତ ଭୂୟାଁ, ଅନୁସୂଚିତ ଜାତି ସେଲ ଅଧ୍ୟକ୍ଷ ଅଜୟ ଭୋଇ, ସରପଞ୍ଚ ଅମିତ ରାଉଳ, ଜିଲା କାର୍ଯ୍ୟକାରୀ ସଭ୍ୟ ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ରଘୁନାଥପୁରଠାରେ ଦଳର ପ୍ରତିଷ୍ଠା ଦିବସ କିପରି ମହାସମାରୋହରେ ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ବିଭିନ୍ନ ପଞ୍ଚାୟତରୁ ଯେପରି ବହୁ କର୍ମୀ ଯୋଗଦେବେ ସେ ସମ୍ପର୍କରେ କୁହାଯାଇଥିଲା।



ପାରାଦୀପ ଲକ୍‌ଥାନା ଅଧୀନ ଚୁନବେଲାରୀ ଗ୍ରାମର ଛାତ୍ରୀ ଶୁଭଲକ୍ଷ୍ମୀ ଓଝାଙ୍କ ମୃତ୍ୟୁ ଘଟଣାରେ ଜିଆରପିର ଢିଲା ତଦନ୍ତ ବିରୋଧରେ ଗ୍ରାମବାସୀ ସାମୟିକ ରେଳରୋକୋ କରିଛନ୍ତି।

## ■ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ତାଲା

# ସେବାରୁ ବଞ୍ଚିତ ହେଲେ ଶତାଧିକ ପଥଚାରୀ

**ରଘୁନାଥପୁର ,୧୮। ୧୨ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କଟକ-ପାରାଦୀପ ରାସ୍ତାର ଖଣ୍ଡତରି ଜଇପୁରଠାରେ ଥିବା ପଥପ୍ରାନ୍ତ ସୁବିଧାକେନ୍ଦ୍ରରେ (ଆମିନିଟି ସେଣ୍ଟର) ବୁଧବାର ତାଲା ଝୁଲୁଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଶତାଧିକ ପଥଚାରୀ ସେବାରୁ ବଞ୍ଚିତ ହୋଇଛନ୍ତି। କୋଟି କୋଟି ଟଙ୍କା ମୂଲ୍ୟରେ ନିର୍ମିତ କେନ୍ଦ୍ରଟିର ଅସଲ ଉଦ୍ଦେଶ୍ୟ ସାଧନ ହେବାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି।

ସୂଚନାଯୋଗ୍ୟ ୨୦୧୮ ଜୁଲାଇରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସରେ ଏହି କେନ୍ଦ୍ରଟିର ଶୁଭ ଉଦ୍‌ଘାଟନ କରିଥିଲେ। ତତ୍କାଳୀନ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ଅତିଥି ଭାବେ ଉପସ୍ଥିତ ଥିଲେ। କଟକ-ପାରାଦୀପ ରାସ୍ତା ସର୍ବଦା ବ୍ୟସ୍ତବହୁଳ ରହୁଥିବାରୁ ଯାତାୟାତ ସମୟରେ ପଥଚାରୀ ତଥା ଯାତ୍ରୀମାନେ ଏହି ସୁବିଧାକେନ୍ଦ୍ରକୁ ଆସି ଶୌଚାଳୟ ସହ ହାଲୁକା ଟିଫିନ୍‌ର ସୁବିଧା ପାଉଥିଲେ।



ପଥପ୍ରାନ୍ତ ସୁବିଧାକେନ୍ଦ୍ର କର୍ମଚାରୀ କାର୍ଯ୍ୟବନ୍ଦ କରିଛନ୍ତି।

**ଦରମା ନ ପାଇ କାର୍ଯ୍ୟରୁ ନିବୃତ୍ତ ହେଲେ କର୍ମଚାରୀ**

ଏହି କେନ୍ଦ୍ରକୁ ପରିଚାଳନା ପାଇଁ ସରକାରଙ୍କ ଆରଆଣ୍ଡବି ବିଭାଗର ପିଏସ୍‌ଆଇପିଏଲ(ପ୍ରପର୍ଟି ସଲ୍ୟୁଶନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ)କୁ ପ୍ରଦାନ କରାଯାଇଥିଲା। ଏଠାରେ ୧୩ଜଣ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତେବେ ହଠାତ୍ କେନ୍ଦ୍ରରେ ତାଲା ଝୁଲିବା ନେଇ ସୁପରଭାଇଜର ଦିଲୀପ କୁମାର ମଲ୍ଲିକଙ୍କୁ ପଚରାଯାଇଥିଲା। ସେ ତାଙ୍କ ଉତ୍ତରରେ ଗତ ଅକ୍ଟୋବରରୁ ଏହି କେନ୍ଦ୍ରର କର୍ମଚାରୀ ଏବଂ ସେପ୍ଟେମ୍ବରରୁ ସିକ୍ୟୁରିଟି କର୍ମଚାରୀମାନେ ଦରମା ପାଇ ନ ଥିବାରୁ କାର୍ଯ୍ୟବନ୍ଦ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ କର୍ମଚାରୀମାନେ ସ୍ୱଳ୍ପ ଦରମା ପାଉଥିବା ସମ୍ପର୍କରେ ପ୍ରକାଶ କରିଥିବା ବେଳେ ଯଦି ୨ରୁ ୩ ମାସ ଦରମା ନ ମିଳେ ତାହା ହେଲେ ଉପବାସରେ କ'ଣ କାମ କରିବୁ ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଉକ୍ତ ସଂସ୍ଥାର ମ୍ୟାନେଜର ସଞ୍ଜୟ କୁମାର ସେଠୀ ସରକାରଙ୍କ ସମ୍ପୃକ୍ତ ବିଭାଗ ପକ୍ଷରୁ ବିଲ୍ ମିଳିବାରେ ବିଳମ୍ବ ହେଉଥିବାରୁ କର୍ମଚାରୀଙ୍କୁ ଦରମା ଦେବାରେ ଅସୁବିଧା ହେଉଛି ବୋଲି ପ୍ରକାଶ କରିଥିଲେ। ତେବେ ଏ ସମ୍ପର୍କରେ ଆରଆଣ୍ଡବି ବିଭାଗ ଏକଜିକ୍ୟୁଟିଭ ଇଞ୍ଜିନିୟର ନିମାଇଁ ଚରଣ ଦାସଙ୍କୁ ପଚାରିବାରେ ଆମିନିଟି ସେଣ୍ଟର ବନ୍ଦ ରହିଥିବା ସମ୍ପର୍କରେ ତାଙ୍କ ପାଖରେ ଖବର ନ ଥିବା କହିଥିଲେ। ସରକାରଙ୍କ ଯୋଜନା ଲକ୍ଷ୍ୟ ସାଧନଠାରୁ ଦୂରେଇ ଯାଉଥିବା ବେଳେ ଦରମା ନ ପାଇବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ରହିବ ବୋଲି କର୍ମଚାରୀମାନେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୯/୨୦୧୯ Bhubaneswar, Thursday, December 19/2019

## ସଂକ୍ଷେପରେ

### ଶିଶୁ ମୃତ୍ୟୁ ଘଟଣା: ଗିରଫ ହେଲେ ଟ୍ରାକ୍ଟର ଚାଳକ

ପଦ୍ମପୁର, ୧୮।୧୨(ଡି.ଏନ.ଏ.)- ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ଗ୍ରାମରେ ଗତ ସୋମବାର ଧାନ କଲେଇ ବୋଝେଇ ଏକ ଟ୍ରାକ୍ଟର ଦୁଇ ଶିଶୁଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ଜଣେ ଶିଶୁଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଏ ନେଇ ନାୟକାଣିଡିହୀ ଥାନାରେ ଏକ ମାମଲା(ନଂ.୧୮୪/୧୯) ରୁଜୁ କରାଯାଇ ପୋଲିସ ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ନାୟକାଣିଡିହୀ ପୋଲିସ ଗାଡ଼ି ଚାଳକ ଜିତେନ୍ଦ୍ର ସାହୁଙ୍କୁ ଗିରଫ କରି ବୁଧବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି।

### ସୋର ନିକଟରେ ବସ୍ ଦୁର୍ଘଟଣା: ୫ ଆହତ

ବାଲେଶ୍ୱର ଅଫିସ/ସୋର, ୧୮।୧୨ (ଡି.ଏନ୍.ଏ.)- ପଶ୍ଚିମବଙ୍ଗ କଲିକତାରୁ ୪୦ ଯାତ୍ରୀଙ୍କୁ ନେଇ ପୁରୀକୁ ଯାଉଥିବା ଏକ ବସ୍ ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନଂ ଜାତୀୟ ରାଜପଥ ତଳନଗର ଚପରପଦାଠାରେ ବୁଧବାର ଭୋର ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାର ଆଗ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ବସ୍‌ଟି ନୟନଯୋରିକୁ ଖସି ଯାଇଥିଲା। ଏହି ଦୁର୍ଘଟଣାରେ ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଅନ୍ୟ ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ସୋର ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ଆହତଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏ ନେଇ ପୋଲିସ ତଦନ୍ତ କରୁଥିବା କହିଛି।

■ ୫୩ନଂ ଜାତୀୟ ରାଜପଥର ସ୍ଥିତି ସୁଧାର ପାଇଁ ଉଚ୍ଚସ୍ତରୀୟ ବୈଠକ

# ରାସ୍ତାରେ ଶୋଇ ଇଚ୍ଛା ମୃତ୍ୟୁ ମାଗିଲେ



ଜାତୀୟ ରାଜପଥରେ ଶୋଇରହି ପ୍ରତିବାଦ ଜଣାଉଛନ୍ତି ସ୍ୱେଚ୍ଛାସେବୀ ।

**ଚଣ୍ଡିଖୋଲ,୧୮।୧୨(ଡିଏନଏ)**

ଚଣ୍ଡିଖୋଲ-ଦୁବୁରୀ ୫୩ନଂ ଜାତୀୟ ରାଜପଥ ଅର୍ନ୍ତଗତ ୩୮କି.ମି. ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ହୋଇଥିବା ଖାଲଖମାରେ ପଡି ଗତ ଚାରିଦିନ ମଧ୍ୟରେ ଚାରି ଜଣଙ୍କ ଜୀବନହାନୀ ଘଟିଛି। ବର୍ଷକ ମଧ୍ୟରେ ୫୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୧୭ ଜଣ ଆହତ ହୋଇଥିବା ଜଣାପଡ଼ିଛି। ରାସ୍ତାର ମରାମତି ନିମନ୍ତେ ବିଗତ ଏକ ବର୍ଷରେ ୩୦ ବୈଠକ ବସିବା ସାଙ୍ଗକୁ ରାସ୍ତା ନିର୍ମାଣ ପାଇଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବାରମ୍ବାର ଆନ୍ଦୋଳନ କରାଯାଉଥିଲେ ମଧ୍ୟ ଏହାର ମରାମତି କରାଯାଉ ନାହିଁ। ବୁଧବାର ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଚଣ୍ଡିଖୋଲ ଟ୍ରାଫିକ ଥାନାରେ ରାସ୍ତା ମରାମତି ନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଗୋଟିଏ ପଟେ ଉଚ୍ଚସ୍ତରୀୟ ବୈଠକ ଚାଲିଥିବାବେଳେ ଅନ୍ୟପଟେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅପାରଗତା ଓ ରାସ୍ତାର ଶୋଚନୀୟ ସ୍ଥିତି ପାଇଁ ବ୍ରାହ୍ମଣୀ ବ୍ରିଜ ମଙ୍ଗଳା ଛକ ନିକଟରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଅଭିନବ ଢଙ୍ଗରେ ସ୍ୱେଚ୍ଛାସେବୀମାନେ ଜାତୀୟ ରାଜପଥ ଉପରେ ଶୋଇ ଇଚ୍ଛାମୃତ୍ୟୁ ଦାବି କରି ପ୍ରତିବାଦ କରିଥିଲେ। ବୈଠକରେ ବିଧାୟକ ଅମର ପ୍ରସାଦ ଶତପଥି, ଏସପି ଚରଣ ସିଂ ମୀନା, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାବତ, ଆରଟିଓ ଲାଲ ମୋହନ ସେଠୀ, ଦର୍ପଣ ତହସିଲଦାର ବରେଣ୍ୟେନ୍ଦୁ ମହାନ୍ତି, ଏସଡିପିଓ ଚିନ୍ମୟ ନାୟକ, ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା, ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ, ଟ୍ରାଫିକ ଇନ୍ସପେକ୍ଟର ବିଜୟିନୀ ମଲ୍ଲ, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁଶୀଲ କୁମାର ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ମହେଶ୍ୱର ବଳ, ବେଣୁଧର ପଣ୍ଡା, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ରାଉତ, ସମ୍ପାଦକ ପୁଷ୍ପରାଜ ନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ, ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ସଂଜୟ କୁମାର ସ୍ୱାଇଁ, ସେକ ସବିର ଉଦ୍ଦିନ, ନାଏବ ସରପଞ୍ଚ ମସିର ଆଲାମ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ତେବେ ପ୍ରତିଶ୍ରୁତି ଅନୁଯାୟୀ ଡିସେମ୍ବର ୩୧ତାରିଖ ସୁଦ୍ଧା ସ୍ଥାୟୀ ମରାମତି କାର୍ଯ୍ୟ ଶେଷ କରା ନ ଗଲେ ମଞ୍ଚ ପକ୍ଷରୁ ଜାନୁଆରୀ ୧୭ରୁ ପୁନର୍ବାର ବ୍ରାହ୍ମଣୀ ବ୍ରିଜ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ହେବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

ଡାକ୍ତରଙ୍କ ଅବହେଳାରୁ ମୃତ ଶିଶୁପୁତ୍ର ଜନ୍ମ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ଦାବି କଲେ ମହିଳାଙ୍କ ସ୍ୱାମୀ

**ଯାଜପୁର ଅଫିସ,୧୮।୧୨**

ଯାଜପୁର ଜିଲା ସଦର ଡାକ୍ତରଖାନାରେ ଚିକିତ୍ସା ଅଭାବରୁ ଜଣେ ଗର୍ଭବତୀ ମହିଳା ମୃତ ଶିଶୁ ପୁତ୍ରକୁ ଜନ୍ମ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଦାନଗଦୀ ବ୍ଲକ ନୂଆସିଆରିଆ ଗ୍ରାମର ସଲାଉଦ୍ଦିନ ଖାଁଙ୍କ ପତ୍ନୀ ରାବେୟା ଖାତୁନ(୨୨)ଙ୍କୁ ପ୍ରସବ ପାଇଁ ଗତ ୧୬ତାରିଖରେ ଆଣି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଆଡମିଶନ ବେଳେ ଡାକ୍ତରଙ୍କୁ ରାବେୟା ତାଙ୍କ ଗର୍ଭସ୍ଥ ଶିଶୁଟି ପେଟ ଭିତରେ ବୁଲୁନାହିଁ ଓ ଗର୍ଭଯନ୍ତ୍ରଣା କମିଯାଉଛି ବୋଲି କହିଥିଲେ। କିନ୍ତୁ ଡାକ୍ତର ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଏପରିକି ଗର୍ଭରେ ଥିବା ପିଲାର ସ୍ଥିତି ସମ୍ପର୍କରେ ଅଲଟ୍ରାସାଉଣ୍ଡ କରାଇବାକୁ ନିଜେ ରାବେୟା କହିଥିବାବେଳେ ଡାକ୍ତର ଓ ନର୍ସ କେହି ଏହାକୁ ଶୁଣି ନ ଥିଲେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦିଆଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି । ଏନେଇ ସ୍ୱାମୀ ସଲାଉଦ୍ଦିନ ଖାଁ ଅଭିଯୋଗ ବାଢ଼ିଛନ୍ତି ଯେ ତାଙ୍କ ସ୍ତ୍ରୀର ପ୍ରଥମ ଗର୍ଭର ଏହି ପୁତ୍ର ସନ୍ତାନଟିକୁ ଡାକ୍ତରଖାନା କର୍ତ୍ତୃପକ୍ଷ ଜାଣିଶୁଣି ମାରିଦେଲେ। ଏନେଇ ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ ସଲାଉଦ୍ଦିନ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ସିଡିଏମଓ ଅରୁଣ କୁମାର ପାତ୍ରଙ୍କୁ ପଚାରିବାରୁ ଅଭିଯୋଗ ଉପରେ ସେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ଘରବାଡ଼ିକୁ କେନ୍ଦ୍ର କରି ଗଣ୍ଡଗୋଳ : ୩ ଗୁରୁତର

**ଯାଜପୁର ଅଫିସ,୧୮।୧୨**

ଯାଜପୁର ଥାନା ଦେବୀଦ୍ୱାର ଫାଣ୍ଡି ଅଧିନ ରକ୍ଷାକାଳୀ ମନ୍ଦିର ନିକଟସ୍ଥ କଲ୍ୟାଣପୁର ଗ୍ରାମରେ ବୁଧବାର ଜମିବାଡିକୁ କେନ୍ଦ୍ରକରି ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ୩ଜଣ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଯାଜପୁର ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଜଣଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାଯୋଗ୍ୟ ଯେ, କଲ୍ୟାଣପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଶୁଭ ସେଠୀ ଦୁଇ ଭାଇଙ୍କ ଭିତରେ ଘର କରିବାକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ବୁଧବାର ସକାଳେ ପୂର୍ଣ୍ଣଚନ୍ଦ୍ର ଘର କରିବାକୁ ରାଜମିସ୍ତ୍ରୀ ଡ଼ାକି ରଡ କାଟୁଥିବା ବେଳେ ଉଭୟ ଭାଇଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏଥିରେ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ପତ୍ନୀ ଶୁଭ ଏବଂ ଝିଅ ସବିତା ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସବିତାର ଅବସ୍ଥା ସଙ୍କଟାପନ୍ନ ହୋଇଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି।

■ ୪ର୍ଥ ପ୍ରଦୀପ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

## ସୁବର୍ଣ୍ଣମୁଖୀ କ୍ରିକେଟ କ୍ଲବକୁ ହରାଇ ଚୋରଦା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ ।

**ଯାଜପୁର ଅଫିସ,୧୮।୧୨**

ଯାଜପୁର ଜିଲା ବ୍ୟାସନଗରର ଚାନ୍ଦମାଠାରେ ଚାଲିଥିବା ୪ର୍ଥ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ଚୋରଦା ଚାମ୍ପିୟନ ହୋଇଛି। ମଙ୍ଗଳବାର ଚାନ୍ଦମାର ସୁବର୍ଣ୍ଣମୁଖି କ୍ରିକେଟ କ୍ଲବ ଓ ଚୋରଦାର ସଡ଼ନ ଆଟାକ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ଟୁର୍ନାମେଣ୍ଟକୁ ପୂର୍ବତନ ନଗରପାଳ ତଥା ଯାଜପୁର ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲ ମୁଖ୍ୟଅତିଥି, ଉଦୟବଟର ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କାଉନ୍‌ସିଲର ଦିଲୀପ କୁମାର ମଲ୍ଲିକ, ବିଶ୍ୱରଞ୍ଜନ ପଟ୍ଟନାୟକ, କ୍ରୀଡ଼ାବିତ୍ ରଶ୍ମିକାନ୍ତ ପଣ୍ଡିତ, ସମାଜସେବୀ ଉପେନ୍ଦ୍ରନାଥ ମହାନ୍ତି, ଅକ୍ଷୟ ନାୟକ, ମିଥୁନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କର୍ମଜିତ ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଚାନ୍ଦମାର ସୁବର୍ଣ୍ଣମୁଖି କ୍ରିକେଟ କ୍ଲବର ବିଶ୍ୱାନନ୍ଦ ଦାସ, ଚନ୍ଦ୍ରଶେଖର ମଲ୍ଲିକ, ନରେନ୍ଦ୍ର ଦାସ, ଶ୍ରୀକାନ୍ତ ଦାସ, ପ୍ରଦୀପ ମଲ୍ଲିକ, ନିରଞ୍ଜନ ରଣା, ପ୍ରଭାତ ଆଇଚ, ତାପସ ଆଇଚ, ସୌମ୍ୟରଞ୍ଜନ ଆଇଚ, ପ୍ରଫୁଲ୍ଲ ଆଇଚ, ବିଶ୍ୱଜିତ୍ ଦାସ, ସଦାଶିବ ରାଉତ, ସୁଦାମ ଦାସ ପ୍ରମୁଖ ଖେଳ ଆୟୋଜନରେ ସହଯୋଗ କରିଥିଲେ।







## କଳିଙ୍ଗନଗର ପୁସ୍ତକମେଳାର ୨ୟ ସନ୍ଧ୍ୟା



ପୁସ୍ତକମେଳାରେ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଯାଜପୁର ଅଫିସ,୧୮।୧୨**

କଳିଙ୍ଗ ନଗର ପୁସ୍ତକ ମେଳାର ୨ୟ ସନ୍ଧ୍ୟା ଆରମ୍ଭ ହେଇଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ। ଝୁମୁକା ଡ୍ୟାନ୍ସ ଗ୍ରୁପ, ବ୍ୟାସନଗର ଆନୁକୁଲ୍ୟରେ କଳାକାରମାନେ ବିଭିନ୍ନ ନୃତ୍ୟ ତଥା ରେକର୍ଡ ଡ୍ୟାନ୍ସ ପରିବେଷଣ କରିଥିଲେ। ବିକାଶ ଦାସଙ୍କ କଣ୍ଠରେ ଅନେକ ଲୋକପ୍ରିୟ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ପରେପରେ ପୁସ୍ତକ ମେଳା କମିଟିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚରେ ଦୈନନ୍ଦିନ ସଭା ପରିବର୍ତ୍ତେ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଦର୍ଶକମାନଙ୍କ ମନୋରଞ୍ଜନ ସହିତ ପୁସ୍ତକ କିଣାବିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାଗତ ଭାଷଣରେ ଅନୁଷ୍ଠାନର ସମ୍ପାଦକ ପ୍ରବୀର ରଞ୍ଜନ ମହାନ୍ତି ଦୀର୍ଘ ୬ବର୍ଷ ଧରି ବିଭିନ୍ନ ଝଡ଼ଝଞ୍ଜା ଭିତରେ ପୁସ୍ତକ ମେଳା କିପରି ନୂଆ କଳେବର ପାଇଛି, ସେ ବିଷୟରେ ରେଖାପାତ କରିଥିଲେ। ସାଧାରଣ ସମ୍ପାଦକ କୁଶ ଚନ୍ଦ୍ର ପ୍ରଧାନ ଆଗାମୀ ଦିନରେ ପୁସ୍ତକ ବିକ୍ରେତା ବହୁ ସଂଖ୍ୟାରେ ଯୋଗଦେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କାର୍ଯ୍ୟକାରୀ ସମ୍ପାଦକ ବିବେକାନନ୍ଦ ମହାନ୍ତି ମେଳାକୁ ଆକର୍ଷଣୀୟ କରିବାକୁ ଯାହା ଆବଶ୍ୟକ ତାହା ପୂରଣ ହୋଇଛି ବୋଲି କହିଥିଲେ। ଶେଷରେ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପଦେଷ୍ଟା ସବିତା ରାଉତ, ଚନ୍ଦ୍ରମଣି ସାମଲ, ଯୁଗ୍ମ ସମ୍ପାଦକ ଜ୍ଞାନାରଞ୍ଜନ ରାଉତ, ବୀର କିଶୋର ସାହୁ, ପରମାନନ୍ଦ ସାହୁ, ଲୋକନାଥ ରାଉତ, ବ୍ରଜେଶ୍ୱରୀ ସିଂହ, ପ୍ରଣତୀ ହୋତା, ପ୍ରଫୁଲ୍ଲ କୁମାର ନାୟକ, ଦାମୋଦର ପଣ୍ଡା, ଉପେନ୍ଦ୍ର ସାହୁ ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଅଧ୍ୟାପକଙ୍କ ବାଇକ୍ ଡିକିରୁ ଦେଢ଼ ଲକ୍ଷ ଲୁଟ୍

**ରସୁଲପୁର,୧୮।୧୨(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ବ୍ୟାଙ୍କ ଛକରୁ ବୁଧବାର ସନ୍ଧ୍ୟାରେ ବ୍ରହ୍ମବରଦା ଯୁକ୍ତ ୨କଲେଜର ଅଧ୍ୟାପକ ଶଶୀଭୂଷଣ ମହାନ୍ତିଙ୍କଠାରୁ ଦୁର୍ବୃତ୍ତମାନେ ୧.୫ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଅଧ୍ୟାପକ ମହାନ୍ତି ବ୍ରହ୍ମବରଦାସ୍ଥିତ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ବାହାରକୁ ଆସିଥିଲେ। ବାହରେ ସେ ରଖିଥିବା ବାଇକ୍‌ରେ ଟଙ୍କା ରଖିଥିଲେ। ସେ ଗାଡ଼ି ଚଳାଇବା ବେଳକୁ ତାଙ୍କ ମୋଟର ସାଇକେଲ ହ୍ୟାଣ୍ଡେଲରେ ଲାଗିଥିବା ଚା' ଗୁଣ୍ଡ ଗୁଡ଼ିକ ତାଙ୍କର ହାତରେ ଲାଗିଥିଲା । ସେ ବାଇକ୍‌ରେ ନ ଯାଇ ହ୍ୟାଣ୍ଡେଲକୁ ସଫା କରିବା ପାଇଁ ନିକଟସ୍ଥ ଦୋକାନକୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ଦୁଇଜଣ ପିଲା ତାଙ୍କର ଟଙ୍କା ମୁଣିଟିକୁ ଧରି ଚମ୍ପଟ ମାରିଥିଲେ। ଏହାଦେଖି ଅଧ୍ୟାପକ ପାଟି କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

### ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ

**କୋରେଇ,୧୮।୧୨(ସ୍ୱ.ପ୍ର):** କୋରେଇସ୍ଥିତ କାହ୍ନୁଚରଣ ମହାବିଦ୍ୟାଳୟରେ ଚାଲୁଥିବା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯାଜପୁର ଏସ୍‌ପି ଚରଣ ସିଂହ ମୀନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିବାବେଳେ ଆତ୍ମସୁରକ୍ଷା ଦିଗରେ କିଭଳି କାର୍ଯ୍ୟକ୍ରମ ଓ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁକ୍ତ ୩ ଅଧକ୍ଷ ମୋହନ ଚରଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସନ୍ୟାସୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଛାତ୍ର ସଂଗ୍ରାମ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା। ସଂଯୋଜକ ମନ୍ମଥ କୁମାର ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିବାବେଳେ ସମ୍ମାନିତ ଅତିଥିଭାବେ ଯୁକ୍ତ୨ ଅଧକ୍ଷ ସ୍ମିତିରଞ୍ଜନ ରାୟ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଇଂଲିଶ୍ ଅଧାପିକା ସରିତା ପୃଷ୍ଟି ସଞ୍ଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଚୋରି ଘଟଣାର ଅଭିଯୁକ୍ତ ନୟାଗଡ଼ରୁ ଗିରଫ

**ବିରିଡି,୧୮।୧୨(ଡି.ଏନ.ଏ):** ଅକ୍ଟୋବର ୨୦ରେ ବିରିଡ଼ି ଥାନା ଅନ୍ତର୍ଗତ ବଡିକିରା ଗ୍ରାମର ପ୍ରଦୀପ ସାହୁଙ୍କ ଘରୁ ଟଙ୍କା, ସୁନା, ଅଳଙ୍କାର ଆଦି ଚୋରି ହୋଇଥିଲା। ଏହି ଘଟଣାର ଅଭିଯୁକ୍ତ ଅଜୟ କୁମାର ନାଥ ଓରଫ କାଳିଆଙ୍କୁ ସ୍ଥାନୀୟ ପୋଲିସ ନୟାଗଡ ଜିଲା ଚାନ୍ଦପୁର ଗ୍ରାମରୁ ମଙ୍ଗଳବାର ରାତିରେ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଘର ବିରିଡ଼ି ଥାନା ଅନ୍ତର୍ଗତ ରାଣୀପଡା ଗ୍ରାମରେ। ଏ ସଂକ୍ରାନ୍ତରେ ୧୨୮/୧୯ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ରାତିରେ ଘରେ ପସି ୨୦ ହଜାର ଟଙ୍କା, ସୁନା, ଅଳଙ୍କାର ଆଦି ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଚାନ୍ଦପୁର ଗ୍ରାମରେ ଅଭିଯୁକ୍ତ ଆତ୍ମଗୋପନ କରିଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପରେ ରାତିରେ ସେଠାରେ ଚଢ଼ାଉ କରି ଅଜୟଙ୍କୁ କାବୁ କରିବା ପରେ ବିରିଡ଼ି ଥାନାକୁ ଅଣା ଯାଇଥିଲା।

### ୩୮୬ ଛାତ୍ରୀଛାତ୍ରଙ୍କୁ ମିଳିଲା ନୂଆ ପୋଷାକ

**କୋରେଇ,୧୮।୧୨(ସ୍ୱ.ପ୍ର):** ପାଣିକୋଇଲି ନୋଡାଲ ହାଇସ୍କୁଲରେ ବୁଧବାର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୋଷାକ ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟର ୨୦୬ ଜଣ ବାଳକ ଓ ୧୮୦ଜଣ ବାଳିକାଙ୍କୁ ହଲେ ଲେଖାଁଏ ପୋଷାକ ଓ ଜୋତା ବଣ୍ଟନ କରାଯାଇଥିଲା। ଶେଷରେ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡାଇଭର୍ସନ ନ କରି ରେଳପଥ ନିର୍ମାଣ ଉଦ୍ୟମକୁ ବିରୋଧ

# କାମ ବନ୍ଦ କଲେ ଗ୍ରାମବାସୀ

ଡୁବୁରୀ, ୧୮।୧୨(ଡିଏନଏ)

ରେଲୱେ କର୍ତ୍ତୃପକ୍ଷ ଲୋକଙ୍କ ପାଇଁ ଡାଇଭର୍ସନ ରାସ୍ତା ନିର୍ମାଣ ନ କରି ରେଳପଥ କାମ କରିବାକୁ ଉଦ୍ୟମ କରିବାବେଳେ ବୁଧବାର ଦାନଗଦୀ ତହସିଲ ବାଲିଆପାଳ ଗାଁ ଲେକେ ତୀବ୍ର ବିରୋଧ କରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳ ପ୍ରକଳ୍ପ ନିମାଣ କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି। ଅଧିକ ଉତ୍ତେଜନା ଆଶଙ୍କାରେ ଘଟଣାସ୍ଥଳରେ କଳିଙ୍ଗନଗର ଥାନା ପୋଲିସକୁ ମୁତୟନ କରାଯାଇଛି।

ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳ ପ୍ରକଳ୍ପ ଯୋଗୁ ଡୁବୁରୀ-ନରଣପୁର ମୁଖ୍ୟରାସ୍ତାରୁ ବାଲିଆପାଳ ଯିବା ରାସ୍ତାରେ ରେଲୱେ ପକ୍ଷରୁ ଏକ କନଭର୍ସନ ରୋଡ



କାମ ବନ୍ଦ ଦାବିରେ ମହିଳାମାନେ ରାସ୍ତା ଉପରେ ବସିଛନ୍ତି।

ନିର୍ମାଣ କରାଯାଇଛି। ସେହି କନଭର୍ସନ ରାସ୍ତାଦେଇ ବାଲିଆପାଳ, ବାଘୁଆପାଳ, ମଣ୍ଡପଡା, ଧନଞ୍ଜୟପୁର, ରଣାଗୁଣ୍ଡି, ରାମଠେଙ୍ଗା ଆଦି ଗ୍ରାମର ଲୋକେ ଯାତାୟାତ କରନ୍ତି। ହେଲେ ଲୋକଙ୍କ ଗମନାଗମନ ପାଇଁ ଅନ୍ୟ କୌଣସି ବିକଳ୍ପ ନ କରି ସମ୍ପୃକ୍ତ କନଭର୍ସନ ରୋଡକୁ କାଟି ରେଳପଥ ନିର୍ମାଣ କରିବାକୁ ବୁଧବାର ଉଦ୍ୟମ କରାଯାଉଥିଲା। ଏହି ଘଟଣାକୁ ବାଲିଆପାଳ ଲେକେ ବିରୋଧ କରିଥିଲେ। ରେଲୱେ କର୍ତ୍ତୃପକ୍ଷ ଓ ବାଲିଆପାଳ ଗାଁ ଲୋକଙ୍କ ମଧ୍ୟରେ ବିବାଦ ଉପୁଜିବାରୁ ଏକ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ବାଲିଆପାଳ ଅଞ୍ଚଳର ସଂଖ୍ୟାଧିକ ମହିଳା ରେଳପଥ ନିର୍ମାଣ ଯୋଗୁ ଅଞ୍ଚଳରେ ପାଣି ସମସ୍ୟା ସୃଷ୍ଟି ହୋଇଥିବା ଦର୍ଶାଇ ଅଧିକ ବିରୋଧ କରିଥିଲେ। ରେଲୱେ ପକ୍ଷରୁ ଏଠାରେ ଭୂତଳ ରେଳପଥ ନିର୍ମାଣ କରାଯାଉଛି। ଭୂତଳ ରେଳ ଲାଇନ ଯୋଗୁ ବାଲିଆପାଳ ଓ ବାଘୁଆପାଳ ମୌଜାରେ ଖୋଳା ଯାଇଥିବା ୧୫୦ ଫୁଟ ଓସାର ଓ ୨ଶହ ଫୁଟ ଲମ୍ବର ଗାତ ଯୋଗୁ ବାଲିଆପାଳ ଓ ବାଘୁଆପାଳ ମୌଜାରେ ଭୂତଳ ଜଳସ୍ତର ହ୍ରାସ ପାଇ ପିଇବା ପାଣି ଏକ ମୁଖ୍ୟ ସମସ୍ୟା ଭାବେ ଦୀର୍ଘ ୩ବର୍ଷ ହେଲା ଲାଗିରହିଛି। ଏହାର ସମାଧାନ ଦିଗରେ ପ୍ରଶାସନ କିମ୍ବା ରେଳ କର୍ତ୍ତୃପକ୍ଷ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ତୁରନ୍ତ ପିଇବା ପାଣି ଓ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ମହିଳାମାନେ ଘଟଣାସ୍ଥଳରେ ଅଡି ବସିଥିଲେ। ଲୋକେ ଅଭିଯୋଗ କରିଛନ୍ତି ଯେ, ସଂଯୋଗୀକରଣ ରାସ୍ତା ନିର୍ମାଣ ନ କରି ରେଳପଥ ନିର୍ମାଣ କଲେ ବାଲିଆପାଳ ଲୋକଙ୍କୁ ଅଧିକ ୩ କି.ମି ରାମଠେଙ୍ଗା ଅସ୍ଥାୟୀ ରାସ୍ତା ଦେଇ ଯିବାକୁ ପଡିବ। ତାହା ପୁଣି ଏକ ବିପଦପୂର୍ଣ୍ଣ ରାସ୍ତା ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ବାଲିଆପାଳ ଲୋକଙ୍କ ପାଇଁ ଏକ ବିକଳ୍ପ ରାସ୍ତା ନିର୍ମାଣ କରିବା ସହ ଲୋକଙ୍କ ପାଇଁ ପିଇବା ପାଣିର ସୁବ୍ୟବସ୍ଥା କରିବାକୁ ଆନ୍ଦୋଳନର ନେତୃତ୍ୱ ନେଉଥିବା ବଳରାମ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଚତୁର୍ଭୁଜ ମହାନ୍ତ, ସଞ୍ଜୟ ମହାନ୍ତ ପ୍ରମୁଖ ଦାବି କରିଛନ୍ତି। କୌଣସି ଅଘଟଣ ଆଶଙ୍କାରେ ଘଟଣାସ୍ଥଳରେ ପୋଲିସ ସଜାଗ ଥିବା ଜଣାଯାଇଛି।

## ଯାଜପୁର ସିମେଣ୍ଟଗେଟ ସମ୍ମୁଖରେ ଜମିହରାଙ୍କ ଆନ୍ଦୋଳନ

**କଳିଙ୍ଗନଗର,୧୮।୧୨(ଡି.ଏନ.ଏ)**

କଳିଙ୍ଗନଗର ଶିଳ୍ପାଞ୍ଚଳର ଯାଜପୁର ସିମେଣ୍ଟ କାରଖାନାରେ ପାଚେରି ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କିଛି ଜମିହରା ଏହାକୁ ବୁଧବାର ବନ୍ଦ କରିଥିଲେ। ଯାଜପୁର ସିମେଣ୍ଟ ୨୭ଏକର ଜମି ଇଡକୋ ପାଖରୁ ନେଇ ନିର୍ମାଣ କାର୍ଯ୍ୟ ଚଳାଇଛି। ୨୭ ଏକରରୁ ପ୍ରାୟ ୨୦ ଏକର ଜମି ଅନାବାଦୀ କିସମ ହୋଇଥିଲାବେଳେ ଆଉ ୭ଏକର ଜମି ସ୍ଥାନୀୟ ଜମିହରାଙ୍କର ବୋଲି ଜଣାପଡିଛି। କାରାଖାନା କର୍ତ୍ତୃପକ୍ଷ ଜମିହରାଙ୍କର ପ୍ରାପ୍ୟ ନ ଦେଇ ନିର୍ମାଣ କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ଟାଙ୍ଗରସାହି, ବାଲିଗୋଠ, ମାନତିରା ଗ୍ରାମର ପ୍ରାୟ ୨୦ଜଣ ଜମିହରା ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ଜିତେନ୍ଦ୍ର ବେହେରା, ରାକେଶ ରଞ୍ଜନ ନାୟକ, ରଜେନ୍ଦ୍ର କାଲୋଣ୍ଡିଆ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଅସନ୍ତା ୨୭ ତାରିଖ କାରଖାନା କର୍ତ୍ତୃପକ୍ଷ ଆଲୋଚନା କରିବା ପାଇଁ ଜମିହରାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ବ୍ଲୁ ଷ୍ଟାର କ୍ରିକେଟ: ବାଘସାହି ଚାମ୍ପିୟନ

କୋରେଇ,୧୮।୧୨(ସ୍ୱ.ପ୍ର)

ପାଣିକୋଇଲି ବ୍ଲୁ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟ କଲେଜ ଖେଳ ପଡିଆରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୮ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଇଲେଭେନ ଷ୍ଟାର, କୋରେଇ ବନାମ ବାଘସାହି, ହରିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋରେଇ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଜବାବରେ ବାଘସାହି ୧୭ ଓଭରରେ ୯ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚକୁ ପ୍ରସନଜିତ୍ ସ୍ୱାଇଁ ଓ ଅବିନାଶ ସାହୁ ପରିଚଳନା କରିଥିବାବେଳେ ସ୍କୋରରଭାବେ ସସ୍ମିତ ପ୍ରଧାନ ଓ ସନ୍ତୋଷ ଦାସ ଯୋଗଦାନ କରିଥିଲେ। ଆନନ୍ଦ ଚନ୍ଦ୍ର ରଣା ଧାରାବିବରଣୀ ପ୍ରଦାନ କରିବା ସହ ଉଦଯାପନୀ ସଭାରେ ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା, କ୍ରୀଡାବିତ୍ କେଶବ ରାଓ ଭୁକ୍ତା, କୋରେଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, ପାଣିକୋଇଲି ସମିତିସଭ୍ୟ ସେକ ଜହର ଅଲ୍ଲୀ ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚଭାବେ ସୁବ୍ରତ ସାହୁ, ମ୍ୟାନ୍ ଅଫ ଦି ସିରିଜ ସୋନା ଖାଁ, ରନର୍ସ ଅପ୍ ଓ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରିଥିଲେ। କ୍ରିକେଟ କ୍ଲବର ସଭାପତି ଉମେଶ ସ୍ୱାଇଁ, ସମ୍ପାଦକ ଜଗନ୍ନାଥ ବିଶ୍ୱାଳ, ଅଭିମନ୍ୟୁ ପରିଡା, ବିଶ୍ୱଜିତ ସ୍ୱାଇଁ, ରୁଦ୍ର ନାରାୟଣ ଦାସଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ବାଘସାହି ଟିମ୍ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

## ଶାଶୁଘର ଆଗରେ ମହିଳାଙ୍କ ଧାରଣା

ବାଲିଗୁଡା,୧୮।୧୨(ସ୍ୱ.ପ୍ର.)

ପ୍ରଥମେ ପ୍ରେମ ଓ ପରେ ରେଜେଷ୍ଟ୍ରି ମ୍ୟାରେଜ ପରେ ବି ଶାଶୁଘର ଲୋକେ ମହିଳାଙ୍କୁ ବହୁ ଭାବେ ଗ୍ରହଣ କରୁନାହାନ୍ତି। ଫଳରେ ସେ ନ୍ୟାୟ ପାଇଁ ୩ଦିନ ହେବ ଶାଶୁ ଘର ଆଗରେ ଧାରଣା ଦେଇଛନ୍ତି। ଏହାଦେଖି ତାଙ୍କ ଶାଶୁ ଓ ସ୍ୱାମୀ ଫେରାର ହୋଇଯାଇଛନ୍ତି। ବାଲିଗୁଡା ଥାନା ଅନନ୍ତପୁର ଅଞ୍ଚଳର ଯୁବତୀ ବଡ଼ଗାଁର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ଯୁବତୀ ବିବାହ କରିବାକୁ କହିବାରୁ ଯୁବକ ମନା କରିଦେଇଥିଲେ। ଉକ୍ତ ଘଟଣାରେ ଯୁବତୀ ବାଲିଗୁଡା ଥାନାରେ ଅଭିଯୋଗ କଲା ପରେ ଦୁଇ ପରିବାର ଓ ଭଦ୍ର ଲୋକଙ୍କ ଜରିଆରେ ବିବାହ ପାଇଁ ଯୁବକ ରାଜି ହୋଇଥିଲେ। ପରେ ରେଜେଷ୍ଟ୍ରି ମ୍ୟାରେଜ ହୋଇଥିଲା। ମାତ୍ର ଉକ୍ତ ଘଟଣାକୁ ଦେଢ଼ମାସ ହୋଇଥିଲେ ମଧ୍ୟ ଯୁବକଙ୍କ ପରିବାର ପକ୍ଷରୁ ଯୁବତୀଙ୍କୁ ବହୁ ଭାବେ ଗ୍ରହଣ କରୁ ନ ଥିଲେ। ପୋଲିସ ପାଖରେ ଏନେଇ କୌଣସି ଖବର ନ ଥିବା ଆଶ୍ଚର୍ଯ୍ୟ କରିଛି।

## ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଚଞ୍ଚକତା

# ବିଡିଓଙ୍କ ନିକଟରେ ଅଭିଯୋଗକଲେ ହିତାଧିକାରୀ

ଦଶରଥପୁର,୧୮।୧୨(ଡିଏନ୍ଏ)

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦରଭା ଗ୍ରାମର ସୁବାସ ସ୍ୱାଇଁଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ମିଳିବା କ୍ଷେତ୍ରରେ ଚଞ୍ଚକତା ହୋଇଥିବାନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତେବେ ପ୍ରାଥମିକତା ତାଲିକାରେ ସୁବାସଙ୍କ ନାମ ଉଲ୍ଲେଖ ରହିଥିବାବେଳେ ପଞ୍ଚାୟତ ପକ୍ଷରୁ ବର୍ତ୍ତମାନ ତାଲିକାରୁ ତାଙ୍କ ନାମକୁ ବାଦ୍ ଦିଆଯାଇଥିବା ନେଇ ଉକ୍ତ ହିତାଧିକାରୀ ପ୍ରାୟ ମାସକ ପୂର୍ବରୁ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବୁଧବାର ସୁବାସ ଭାଜପା ନେତା ସରୋଜ ବିଶ୍ୱାଳଙ୍କ ସହଯୋଗରେ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ସାକ୍ଷାତ କରିଥିଲେ। ବିଡିଓ ସମ୍ପୃକ୍ତ ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ କରି ଅନୀୟମିତତା ହୋଇଥିବା ସ୍ୱୀକାର କରିଥିଲେ। ତେବେ ଉକ୍ତ ହିତାଧିକାରୀଙ୍କୁ ୨୦୨୦ ଫେବୃୟାରୀରେ ଆବାସ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୁବାସ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସରକାରଙ୍କ କଚ୍ଚାଘର ତାଲିକାରେ ଓଆର୩୦୬୩୮୮ରେ ତାଙ୍କ ନାମ ଉଲ୍ଲେଖ ରହିଥିବାବେଳେ ଉକ୍ତ ପଞ୍ଚାୟତର ଶାସକ ଦଳର ଦୁଇନେତା ତାଙ୍କୁ ଆବାସ ବାବଦରେ ୨୦ହଜାର ଟଙ୍କା ଦାବି କରିଥିଲେ। ସେ ଏହି ଅର୍ଥ ଦେବାକୁ ନେତା ଦୁହିଁଙ୍କୁ ମନା କରିଦେବାରୁ ତାଙ୍କ ନାମକୁ ଉଦ୍ଦେଶ୍ୟମୂଳକଭାବେ ତାଲିକାରୁ ବାଦ୍ କରିଦିଆଯାଇଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ପଞ୍ଚାୟତର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯାଉଥିବାବେଳେ କଚ୍ଚାଘର ପ୍ରାଥମିକତା ତାଲିକାରେ ସୁବାସଙ୍କ ନାମ ତଳକୁ ଥିବା ହିତାଧିକାରୀଙ୍କୁ ଆବାସ ପ୍ରଦାନ କରାଯାଉଥିବାବେଳେ ନୂତନ ତାଲିକାରେ ତାଙ୍କ ନାମ ନ ରହିବା ଉପରେ ଉପରେ ତଦନ୍ତ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

# ମମତ୍ୱର ମହୋଦଧି ଲୋଗୋ ଉନ୍ମୋଚିତ

**ବରୀ,୧୮।୧୨(ସ୍ୱ.ପ୍ର):** ବରୀ ଅଞ୍ଚଳର ସର୍ବପୁରାତନ କୃପାସିନ୍ଧୁ ବିଦ୍ୟାଭବନର ନୂତନ ଲୋଗୋକୁ ବୁଧବାର ସନ୍ଧ୍ୟାରେ ବରୀ ମାଉଣ୍ଡସ୍ଥିତ ପ୍ରଗତି କ୍ଲବ ପରିସରରେ ଉନ୍ମୋଚିତ କରାଯାଇଛି। ପୂରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସାମଲଙ୍କ ସଭାପତିତ୍ୱରେ ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ମମତ୍ୱର ମହୋଦଧି ଆପଣାପଣର ଏକ ନୂଆ ଆରମ୍ଭ ମୈତ୍ରୀ ନାମରେ ଏକ ନୂଆ ଲୋଗୋକୁ ମୁଖ୍ୟଅତିଥି ବିଚିତ୍ରାନନ୍ଦ ପୁହାଣ, ଧ୍ରୁବଚରଣ ଦାସ, ପୂରାତନ ଛାତ୍ର ସୁମନ୍ତ ପଣା, ବିରୁପାକ୍ଷ ଦ୍ୱିବେଦୀ, ନିରଞ୍ଜନ ବେହେରା, ଦଶରଥ ବେହେରା, ମହେଶ୍ୱର ଦାସ, ତପନ କୁମାର ସାହୁ, ସତ୍ୟବ୍ରତ ସାମଲ ପ୍ରମୁଖ ଉନ୍ମୋଚିତ କରିଛନ୍ତି। ଏନେଇ ଆସନ୍ତା ୨୯ତାରିଖ ୧୯୮୮ ମସିହା ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ମହା ବନ୍ଧୁମିଳନ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏଥିରେ ବିଦ୍ୟାଳୟ ଆରମ୍ଭ ଦିନରୁ ଅଦ୍ୟାବଧି ସମସ୍ତ ପୂରାତନ ଛାତ୍ରୀଛାତ୍ରମାନେ ସାମିଲ ହୋଇ ପାରିବେ ବୋଲି କୁହାଯାଇଛି। ଏହାକୁ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରମାନେ ସମର୍ଥନ ଜଣାଇଛନ୍ତି। ଏହା ଏକ ବୌଦ୍ଧିକ ବାର୍ତ୍ତାବହ ହେବ ବୋଲି ସଭାରେ ମତ ପ୍ରକାଶ ପାଇଛି। ଏହି ଉତ୍ସବରେ ପୁରାତନ ଛାତ୍ର ଆଶୁତୋଷ ପରିଡା, ହୃଷିକେଶ ଜେନା, ସେକ୍ ଅବ୍ଦୁଲ ଖଲିକ, ପ୍ରଭାତ ମହାନ୍ତି, ନଟବର ବେହେରା, ସଞ୍ଜୟ ବେହେରା, ପରମାନନ୍ଦ ବେହେରା, ସୋମନାଥ ଦ୍ୱିବେଦୀ, ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଅତିଥିମାନେ ଲୋଗୋ ଉନ୍ମୋଚନ କରୁଛନ୍ତି।

# ଧର୍ମପରାୟଣା ଲୋଚନୀ ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ରସୁଲପୁର,୧୮।୧୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବୁଣାକାର ଗାଁ ଗୋପାଳପୁରର ଜଣାଶୁଣା ଧର୍ମପରାୟଣା, ପରୋପକାରୀ, ଗ୍ରାମ୍ୟ ବୈଦ୍ୟ ଭାବରେ ପରିଚିତ ସ୍ୱର୍ଗତ ଲୋଚନୀ ଦାସଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତା ଦାସଙ୍କ ବଡପୁଅ ଶ୍ରୀ ବିଷ୍ଣୁ ତନ୍ତୁବାୟ ସମିତିର ସଭାପତି ରମେଶ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲି(ବୟନିକା)ର ସଭାପତି ଶେଷ କୁମାର ମେହର, ସମ୍ମାନିତ ଅତିଥିଭାବରେ ବରୀର ଭାଜପା ନେତା ବିଶ୍ୱ ରଂଜନ ମଲିକ ଯୋଗ ଦେଇ ଲୋଚନୀଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ପରିଚାଳନା ପରିଷଦ ସଦସ୍ୟ କୁଞ୍ଜ ମେହର, ଭାରତ ସରକାରଙ୍କ ବୁଣାକାର ସେବାକେନ୍ଦ୍ର ଉପନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାତ୍ର, ହସ୍ତତନ୍ତ ବୟନ ଶିଳ୍ପ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସୁନୀଲ ମହାନ୍ତି, ଗଦାଧର ଦାସ, ବୟନ ନିରୀକ୍ଷକ ପ୍ରଶାନ୍ତ କୁମାର ପାତ୍ର, ସୁପରଭାଇଜର କେଣୁ ମହାରଣା, ଯାଜପୁର ଜିଲା ଉପ-ନିବନ୍ଧକ ପ୍ରଦୀପ କୁମାର ସେଠୀ, ଓଡିଶା ବୁଣାକାର ମହାସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା, ରାଜ୍ୟ ଟସର ସମବାୟ ସମିତି ଲିଃ(ସେରିଫେଡ)ର ପରିଚାଳାନ ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ବେଣୁଧର ଦାସ, ଶୁକଦେବ ମହାନ୍ତି, ସମବାୟ ନେତା ମୁକୁନ୍ଦଦେବ ମହାନ୍ତି, ହିଙ୍ଗୁଳା ତନ୍ତୁବାୟ ସମିତିର ସମ୍ପାଦକ ବିଶ୍ୱନାଥ ଦାସ ପ୍ରମୁଖ ଯୋଗଦେଇଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

ରସୁଲପୁର,୧୮।୧୨(ଡି.ଏନ୍.ଏ.)

ନାରୀ ଅବଳା କି ଦୁର୍ବଳା ନୁହେଁ । ସେ ହେଉଛି ଶକ୍ତିମୟୀ ମା' ଦୁର୍ଗାଙ୍କ ଅବତାର, ଝାନ୍‌ସି ରାଣୀ ଲକ୍ଷ୍ମୀବାଈର ସ୍ୱରୂପ । ନାରୀ ଭିତରେ ଲୁଚି ରହିଥିବା ଶକ୍ତିକୁ ଜାଗ୍ରତ କରିବା ପାଇଁ ଆତ୍ମରକ୍ଷା କୌଶଳ ଶିବିରର ଆବଶ୍ୟକ ରହିଛି। ପ୍ରତ୍ୟେକ ନାରୀ ଶାଳିନତା ରକ୍ଷା କରିବା ସହ ବେଶଭୂଷା, ଆଚାର ବ୍ୟବବହାରକୁ ଶୃଙ୍ଖଳିତ କରିପାରିଲେ ସେ ଜଶସ୍ୱୀ ହୋଇପାରିବ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ବାଳିକା ଆତ୍ମରକ୍ଷା କୌଶଳ ଶିବିରରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କଲେଜର ଅଧକ୍ଷ ମହେଶ୍ୱର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବରେ ଯୁକ୍ତ ୨ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସୁଦର୍ଶନ ପୃଷ୍ଟି, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ପୂର୍ବତନ ସଭାପତି ବିପିନ ବିହାରୀ ଦେଓ, ଶିକ୍ଷାବିତ୍ ଆଲ୍ଲାଉଦ୍ଦିନ ଖାଁ, ସରପଞ୍ଚ ବିଜୟ ଦାସ, ଅଧ୍ୟାପକ ସୋଭାଗ୍ୟ କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ତାଲିମଦାତା ଭାବରେ ଯମୁନା ଟ୍ରୁପର ସଦସ୍ୟଗଣ ଯୋଗଦେଇ ବାଳିକାଙ୍କୁ ଆତ୍ମରକ୍ଷା ଦିଗରେ ବିଭିନ୍ନ ଜ୍ଞାନକୌଶଳ ପ୍ରଦର୍ଶନ କରାଇଥିଲେ।

## ରାଜସ୍ୱ ସେବା ଅଧିକାର ପ୍ରଦାନରେ ଅବହେଳା

# ତହସିଲଦାରଙ୍କୁ କୈଫିୟତ ତଲବ ନିର୍ଦ୍ଦେଶ

ଯାଜପୁର ଅଫିସ,୧୮।୧୨

ରାଜସ୍ୱ ମାମଲାଗୁଡ଼ିକର ନିର୍ଦ୍ଧାରିତ ରାଜସ୍ୱ ସେବା ଅଧିକାର ପ୍ରଦାନ ସମୟସୀମା ମଧ୍ୟରେ ସମାଧାନ କ୍ଷେତ୍ରରେ ନୈରାଶ୍ୟ ପ୍ରଦର୍ଶନ କରିଥିବା ତହସିଲଦାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କୁ କୈଫିୟତ ତଲବ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅପରାହ୍ନରେ ମାସିକ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲାପାଳ ଦାସ ସରକାରଙ୍କ ୫-ଟି ମନ୍ତ୍ର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରିବାକୁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲାରେ ଥିବା ସମସ୍ତ ତହସିଲଦାରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ରାଜସ୍ୱ ମାମଲା ଗୁଡିକର ନିର୍ଦ୍ଧାରିତ ରାଜସ୍ୱ ସେବା ଅଧିକାର ପ୍ରଦାନ ସମୟ ସୀମା ମଧ୍ୟରେ ସମାଧାନ କ୍ଷେତ୍ରରେ ନୈରାଶ୍ୟ ପ୍ରଦର୍ଶନ କରିଥିବା ତହସିଲଦାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କୁ ବିଳମ୍ବର କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ ଜିଲାପାଳ ଲଘୁ ଖଣିଜ ଉତ୍ସ ଗୁଡିକର ଯୋଜନା ପ୍ରସ୍ତୁତ କରି ପରିବେଶ ମଞ୍ଜୁରୀ ପ୍ରଦାନ, ନୂତନ ସଇରାତ ଉତ୍ସ, ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବା ନିମନ୍ତେ ଚେକ୍ ପୋଷ୍ଟ ନିର୍ମାଣ, ସରକାରୀ ଜମି ସୁରକ୍ଷା ଓ ପ୍ରାପ୍ତ ଅର୍ଥ ରାଶିର ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ, ନିୟମିତ ଚଢାଉ, ସରକାରୀ ଜମି ହସ୍ତାନ୍ତର ହୋଇଥାଇ ଅବ୍ୟବହୃତ ହୋଇ ପଡ଼ିଥିବା ଓ ବଳକା ହସ୍ତାନ୍ତର ସରକାରୀ ଜମିକୁ ଚିହ୍ନଟ କରି ଫେରସ୍ତ ଆଣିବା, ଭୂଦାନ କିସମ ନିୟମାବଳୀ ପରିବର୍ତ୍ତନ ପାଇଁ ତହସିଲଦାରଙ୍କ ମତାମତ, ଯାଜପୁର ଜିଲାରେ ୩୨ ଗୋଟି ନୂଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଫନୀ, ବୁଲ୍‌ବୁଲ୍ ଓ ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀ ଓ ବାସହୀନଙ୍କୁ ଯଥାଶୀଘ୍ର ସହାୟତା ରାଶି ପ୍ରଦାନ କରି ତାହାର ବିନିଯୋଗ ପତ୍ର ଦାଖଲ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ରୋଜଭ୍ୟାଲିର କମିଶନକୁ ତଦନ୍ତ ସାରି ବୃତାନ୍ତ ବିବରଣୀ ଚଳିତ ମାସ ୨୪ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ ତରଣୀସେନ ପଟ୍ଟନାୟକ ଏବଂ ସମସ୍ତ ତହସିଲାଦାର, ଆଞ୍ଚଳିକ ପରିବହନ ଅଧିକାରୀ, ଯାଜପୁର ଓ ଚଣ୍ଡିଖୋଲ, ଖଣି ଉପନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ।

